

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୩୧ ମଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 31 MAY 2021

Vol.No. 32 ■ No. 138 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଜୁନ୍ ୧୭ ଯାଏଁ ବଢିଲା ଲକ୍ ଡାଉନ

■ ନୂଆପଡ଼ା, ଗଜପତି ଓ ସୁନ୍ଦରଗଡ଼ରେ ସକାଳ ୭ଟାରୁ ଦିନ ୧ଟା ଯାଏଁ ଖୋଲା ରହିବ ଦୋକାନ ■ ସଂକ୍ରମଣ କମିଲେ କଟକଣା କୋହଳ ହେବ



ଭୁବନେଶ୍ୱର,୩୦/୦୫ (ନି.ପ୍ର): ରାଜ୍ୟରେ ପୁଣି ୧୬ ଦିନ ପାଇଁ ଲକ୍‌ଡାଉନ୍ ବଢ଼ାଇଛନ୍ତି ସରକାର। ମହାମାରୀ କରୋନା ପାଇଁ ଜୁନ୍ ୧୭ ତାରିଖ ସକାଳ ୫ଟା ପର୍ଯ୍ୟନ୍ତ ଲକଡାଉନ୍ ଅବଧିକୁ ବୃଦ୍ଧି କରାଯାଇଛି। ଲକ୍ ଡାଉନ୍ ବେଳେ ପୂର୍ବରୁ ଜାରି ସମସ୍ତ କଟକଣା ବଳବତର ରହିବ। ଏଥିସହ ସପ୍ତାହାନ୍ତ ସଟ୍ ଡାଉନ ମଧ୍ୟ ଜାରି ରହିବ। ତେବେ ଏହି ସମୟରେ ସ୍ୱାସ୍ଥ୍ୟସେବା, ଟେଷ୍ଟିଂ, ଟୀକାକରଣ ସମେତ ଅନ୍ୟାନ୍ୟ ଅତ୍ୟାବଶ୍ୟକ କାର୍ଯ୍ୟ ପାଇଁ କୌଣସି କଟକଣା ନାହିଁ। ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର। ଅପରପକ୍ଷରେ ସଂକ୍ରମଣ କମୁଥିବା ୩ଟି ଜିଲ୍ଲାରେ ଲକ୍ ଡାଉନ୍ କଟକଣାକୁ ସାମାନ୍ୟ କୋହଳ କରାଯାଇଛି। କଟକଣା କୋହଳ ହୋଇଥିବା ଜିଲ୍ଲା ଗୁଡ଼ିକ ହେଲା ନୂଆପଡ଼ା, ଗଜପତି ଓ ସୁନ୍ଦରଗଡ଼। ଏହି ୩ଟି ଜିଲ୍ଲାରେ ସକାଳ ୭ଟାରୁ ଦିନ ୧ଟା ଯାଏଁ ଦୋକାନ ଖୋଲା ରହିବ। କିନ୍ତୁ ସେଲୁନ, ସ୍ପା ଓ ମଲ୍ ବନ୍ଦ ରହିବ। ଏହି ୩ଟି ଜିଲ୍ଲାରେ ସଂକ୍ରମଣ ବଢ଼ିଲେ ପୁଣି କଟକଣା ଲାଗୁ ହେବ। ବାକି ୨୭ ଜିଲ୍ଲାରେ ସଂକ୍ରମଣ କମିଲେ ପର୍ଯ୍ୟାୟ କ୍ରମେ କଟକଣା କୋହଳ ହେବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ପୂର୍ବରୁ ବିବାହ ଆଦି ସାମାଜିକ କାର୍ଯ୍ୟକ୍ରମରେ ଯେଉଁଭଳି ଅତିଥି ସଂଖ୍ୟା ଓ ଭୋଜି ଆୟୋଜନ ଉପରେ କଟକଣା ଥିଲା ତାହା ଜାରି ରହିବ। ପୂର୍ବଭଳି ମାଲ୍ ପରିବହନ, କୃଷି ସମ୍ବନ୍ଧୀୟ କାର୍ଯ୍ୟ, ଶିଳ୍ପ ସଂସ୍ଥା, ବ୍ୟାଙ୍କିଂ ବ୍ୟବସ୍ଥା ସହ ଅନ୍ୟାନ୍ୟ ଜରୁରୀକାଳୀନ ସେବା ଗୁଡ଼ିକ କଟକଣାମୁକ୍ତ ରହିବ। ସେ ଆହୁରି କହିଛନ୍ତି ଯେ ସଂକ୍ରମଣ ହ୍ରାସ ପାଇଥିଲେ ହେଁ କିଛି ଜିଲ୍ଲାରେ ପଜିଟିଭ୍ ହାର ଅଧିକ ରହିଛି। ଲକ୍ ଡାଉନ୍ ର ସୁଫଳ ମିଳିଛି। ସମୟରେ ପଦକ୍ଷେପ ନିଆଯାଇଥିବାରୁ ଅନ୍ୟ ରାଜ୍ୟ ଭଳି ଓଡିଶାରେ ହସ୍ପିଟାଲ ବେଡ୍ ଓ ▶▶ପୃଷ୍ଠା ୭

କରୋନା ଟିକା ମିଳିଲେ ୩ ମାସରେ ସରିବ ଟିକାକରଣ : ଏସିଏସ୍

ଭୁବନେଶ୍ୱର,୩୦/୦୫ (ନି.ପ୍ର): କରୋନା ଟିକା ପାଇଁ ଗ୍ଲୋବାଲ ଟେଣ୍ଡର ବ୍ୟବସ୍ଥା ହୋଇଛି। ଟେଣ୍ଡର ମାଧ୍ୟମରେ ୩ କୋଟି ୮୨ ଲକ୍ଷ ଡୋଜ ଟିକା ଆଣିବା ପାଇଁ ଲକ୍ଷ୍ୟ ରଖାଯାଇଛି। ପର୍ଯ୍ୟାପ୍ତ ଟିକା ମିଳିଗଲେ ୩ ମାସରେ ସମସ୍ତଙ୍କୁ ଟିକାକରଣ ସରିଯିବ। ଏନେଇ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟ ବିଭାଗର ଇଉଏ ପ୍ରଦୀପ୍ତ ମହାପାତ୍ର। ଟିକା କରଣ ନେଇ ସୂଚନା ଦେଇ ଶ୍ରୀ ମହାପାତ୍ର କହିଛନ୍ତି-"ରାଜ୍ୟରେ ପାଖାପାଖି ୯୮% ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକାକରଣ ସରିଛି। ରାଜ୍ୟର ୧୦୦% କରୋନା ଯୋଦ୍ଧାଙ୍କୁ ଟିକା ଦିଆଯାଇଛି। ୪୫ ବର୍ଷରୁ ଅଧିକ ବୟସ ବର୍ଗଙ୍କୁ ୪୧% ଟିକାକରଣ ସରିଛି। ଦ୍ୱିତୀୟ ଡୋଜ୍ ଟିକାର ଅବଧି ବଢିଥିବାରୁ ଏବେ ସମସ୍ୟା ନାହିଁ। ସମସ୍ତଙ୍କୁ ପ୍ରଥମ ଡୋଜ ଟିକା ଦେବାକୁ ଲକ୍ଷ୍ୟ ରଖାଯାଇଛି।" ସେ ଆହୁରି କହିଛନ୍ତି- ▶▶ପୃଷ୍ଠା ୭

ବାତ୍ୟା ମୁକାବିଲା ନେଇ ପ୍ରଂଶସା ସାଉଁଟିଲା ଓଡିଶା

ଭୁବନେଶ୍ୱର,୩୦/୦୫(ନି.ପ୍ର): ବାତ୍ୟା ମୁକାବିଲା ନେଇ ପୁଣିଥରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା କରିଛି ଜାତିସଂଘ । ବିପର୍ଯ୍ୟୟ ମୁକାବିଲା ପାଇଁ କେମିତି ସଠିକ ପରିଚାଳନା, ସୁଚିନ୍ତିତ ଯୋଜନା ଏବଂ ପୂର୍ବ ପ୍ରସ୍ତୁତି କରାଯାଏ, ତାହା ନବୀନ ପଟ୍ଟନାୟକଙ୍କ ସରକାର ଠାରୁ ଶିଖିବା କଥା ବୋଲି କହିଛନ୍ତି ମିଳିତ ଜାତିସଂଘର ବିପର୍ଯ୍ୟୟ ପ୍ରଶମନ ମୁଖ୍ୟ ଅଧିକାରୀ ମାମି ମିଜୁଟୋରି । ସମ୍ବଳର ସୁବିନିଯୋଗ ଏବଂ ସଠିକ୍ ପରିଚାଳନା ଯୋଗୁଁ ନବୀନ ସରକାର ବାତ୍ୟା ଭଳି ବିପର୍ଯ୍ୟୟକୁ ସଠିକ ଢ଼ଙ୍ଗରେ ମୁକାବିଲା କରିପାରିଛନ୍ତି ବୋଲି ସେ କହିଛନ୍ତି । ବାତ୍ୟା ସତେ ଯେମିତି ଓଡିଶାର ଚିର ସାଥି ପାଲଟିଯାଇଛି ଏବଂ ପ୍ରାୟ ପ୍ରତ୍ୟେକବର୍ଷ ଏଭଳି ବିପର୍ଯ୍ୟୟ, ଏହାର ମୁକାବିଲା ପାଇଁ ଓଡିଶାକୁ ସେହି ପରିମାଣରେ ପ୍ରସ୍ତୁତ ବି କରିଦେଇଛି । ମିଳିତ ଜାତିସଂଘର ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟାଳୟର ମୁଖ୍ୟ ମାମି ମିଜୁଟୋରି ଗଣମାଧ୍ୟମକୁ ଏକ ସାକ୍ଷାତକାର ଦେଇ କହିଛନ୍ତି, ବିପର୍ଯ୍ୟୟ ସମୟରେ ଶାସନ ବ୍ୟବସ୍ଥାକୁ କେମିତି ପ୍ରସ୍ତୁତ କରିହେବ, ସେ କ୍ଷେତ୍ରରେ ଓଡିଶା ଏକ ଉଦାହରଣ ପାଲଟିଛି । ପ୍ରସ୍ତୁତିରେ ନିବେଶ ଏବଂ ପରିସ୍ଥିତିକୁ ଦେଖି ଯୋଜନା କରିପାରୁଛି ଓଡିଶା । ନବୀନ ପଟ୍ଟନାୟକ ପ୍ରଥମ ଥର ଲାଗି ମୁଖ୍ୟମନ୍ତ୍ରୀ ହେବା ପରେ ବିପର୍ଯ୍ୟୟ ପରିଚାଳନା ପାଇଁ ବ୍ୟବସ୍ଥା ପ୍ରସ୍ତୁତ କରିଛନ୍ତି ଏବଂ ଡିଜାଷ୍ଟର ମ୍ୟାନେଜମେଂଟ ଅଥରିଟି ମଧ୍ୟ ଗଠନ କରିଛନ୍ତି । ଖାଲି ସେତିକି ନୁହେଁ, ସେପଟେ ମନ କୀ ବାତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାତ୍ୟା ମୁକାବିଲା ନେଇ ପ୍ରଶଂସା କରିଛନ୍ତି ।

ଓଡିଶାରେ ୧୦୦ ଛୁଇଁଲା ପେଟ୍ରୋଲ ଦର

କାଲିମେଳାରେ ଲିଟର ପ୍ରତି ଦାମ ୧୦୦ ଟଙ୍କା ୭୨ ପଇସା

ଭୁବନେଶ୍ୱର,୩୦/୦୫(ନି.ପ୍ର): ରାଜ୍ୟରେ ରେକର୍ଡ ଛୁଇଁଲା ପେଟ୍ରୋଲ ଦର । ମାଲକାନଗିରି ଜିଲ୍ଲାରେ ୧୦୦ ଟଙ୍କା ଟପିଛି ଏକ ଲିଟର ପେଟ୍ରୋଲ ଦାମ । କାଲିମେଳାରେ ପେଟ୍ରୋଲ ଦର ଆଜି ୧୦୦ ଟଙ୍କା ୭୨ ପଇସା ପହଁଚି ଥିବା ବେଳେ ଡିଜେଲ ଦର ମଧ୍ୟ ଶତକ ମୁହାଁ । ତେବେ କରୋନା ସହ ଜୁଝୁଥିବା ଉପାନ୍ତ ଅଂଚଳବାସୀଙ୍କ ପାଇଁ ଏହି ଦରବୃଦ୍ଧି ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି । ଭୁବନେଶ୍ୱରରେ ମଧ୍ୟ ୯୫ ଟଙ୍କା ପାଖାପାଖି ପହଁଚିଛି ପେଟ୍ରୋଲ ଦର । ମାଲକାନଗିରି ଜିଲ୍ଲା କାଲିମେଳାରେ ପେଟ୍ରୋଲ ଦର ୧୦୦ ଟଙ୍କା ଟପିଛି । କାଲିମେଳାରେ ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କା ୭୨ ପଇସାରେ ବିକ୍ରି ହେଉଥିବା ବେଳେ ସ୍ଥିତ ପେଟ୍ରୋଲର ଦାମ ୧୦୩ ଟଙ୍କା ୮୭ ପଇସା ରହିଛି । ସେହିପରି ଡିଜେଲ ଦର ମଧ୍ୟ ଶତକ ମୁହାଁ ହୋଇଛି । କାଲିମେଳାରେ ଡିଜେଲ ଲିଟର ପିଛା ଦାମ ରହିଛି ୯୮ ଟଙ୍କା ୨୯ ପଇସା । ଆଉ ଏହାର ସିଧା ବୋଝ ଗ୍ରାହକଙ୍କ ଉପରେ ପଡିଛି। ପେଟ୍ରୋଲ ଦର ୧୦୦ ଟଙ୍କା ଟପି ଥିବା ବେଳେ ▶▶ପୃଷ୍ଠା ୭

୩ଜୁନ ବେଳକୁ କେରଳ ଛୁଇଁବ ମୌସୁମୀ

ଭୁବନେଶ୍ୱର,୩୦/୦୫ (ନି.ପ୍ର): ଦକ୍ଷିଣ ପଶ୍ଚିମ ମୌସୁମୀ ୩ଜୁନ ବେଳକୁ କେରଳ ଛୁଇଁବା ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ବର୍ତମାନର ପାଣିପାଗ ସ୍ଥିତି ଅନୁଯାୟୀ ୧ଜୁନ ପରଠାରୁ କେରଳ ଉପରେ ଧୀରେ ଧୀରେ ଦକ୍ଷିଣ-ପଶ୍ଚିମ ବାୟୁ ଶକ୍ତିଶାଳୀ ହେବାର ସମ୍ଭାବନା ରହିଛି। ଯାହା ପ୍ରଭାବରେ ୧ଜୁନ ପରଠାରୁ କେରଳ ଉପରେ ବର୍ଷାର ପରିମାଣ ବୃଦ୍ଧି ହେବାର ସମ୍ଭାବନା ରହିଛି ।

ଟିକାର ଅଭାବ ବେଳେ ସେରମର ବଡ଼ ଘୋଷଣା

ନୂଆଦିଲ୍ଲୀ,୩୦/୦୫ : ସେରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ କହିଛି ଜୁନ୍ ମାସରେ କମ୍ପାନୀ ଭାରତ ସରକାରଙ୍କୁ ୧୦ କୋଟି କୋଭିଶିଲ୍ଡ ଟିକା ଦେବ। କମ୍ପାନୀର ଏହି ଘୋଷଣା ଆଗାମୀ ଦିନରେ ସାରା ଦେଶରେ ଦେଖାଦେଇଥିବା ଟିକା ଅଭାବ ସମସ୍ୟାକୁ ଦୂର କରିବ ବୋଲି କୁହାଯାଉଛି। ନିକଟରେ କମ୍ପାନୀ ଏକ ଚିଠି ଲେଖିଥିଲା ଗୃହ ମନ୍ତ୍ରୀ ଅମିତ ଶାହଙ୍କୁ। ଯେଉଁଥିରେ କମ୍ପାନୀ ସ୍ପଷ୍ଟ କରିଥିଲା କମ୍ପାନୀର କର୍ମଚାରୀ କରୋନାରେ ସଂକ୍ରମିତ ହୋଇଛନ୍ତି।

ଆକାଶମାର୍ଗରୁ ବାତ୍ୟାଂଚଳ ପରିଦର୍ଶନ ସହ ବିପନ୍ନଙ୍କ ସହ କଥା ହେଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୩୦/୦୫ (ନି.ପ୍ର): ସାମୁଦ୍ରିକ ବାତ୍ୟା "ୟଶ୍" ଦ୍ୱାରା ପ୍ରଭାବିତ ଅଂଚଳରେ ବିପର୍ଯ୍ୟୟର ସ୍ଥାୟୀ ମୁକାବିଲା ପାଇଁ ଏକ ଦୂରଦର୍ଶୀ ବିସ୍ତୃତ ଯୋଜନାର ଆବଶ୍ୟକତା ରହିଛି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରବିବାର ଆକାଶମାର୍ଗରୁ ବାତ୍ୟା ଦ୍ୱାରା ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଥିବା ଜଗତସିଂହପୁର ଜିଲ୍ଲାର ପାରାଦୀପ, କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ଓ ରାଜନଗର, ଭଦ୍ରକ ଜିଲ୍ଲାର ବାସୁଦେବପୁର, ଚାନ୍ଦବାଲି ଏବଂ ଧାମରା ଅଂଚଳ ପରିଦର୍ଶନ ସହ କରିବା ସହ ସ୍ଥିତି ଅନୁଧ୍ୟାନ ଏବଂ ବିପନ୍ନଙ୍କ ସହ କଥା ହେବା ପରେ ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଏହା କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଥମେ ଏହି ସବୁ ଅଂଚଳକୁ ଆକାଶମାର୍ଗରୁ ସ୍ଥିତି ପରଖିବା ପରେ ଧାମରା ବନ୍ଦର ସ୍ଥିତ ହେଲିପ୍ୟାଡରେ ଅବତରଣ କରିଥିଲେ। ପରେ ବାତ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ଭଦ୍ରକ ଜିଲ୍ଲା ଦୋସିଙ୍ଗା ଗ୍ରାମପଂଚାୟତର ସମିପାଟିଆ, ▶▶ପୃଷ୍ଠା ୭

୫ ଦିନ ଯାଏଁ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର,୩୦/୦୫(ନି.ପ୍ର): ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ବର୍ଷା ସମ୍ଭାବନା ରହିଛି। ଏହି ସମୟରେ ବଜ୍ରପାତ ସହ ଘଂଟା ପ୍ରତି ୩୦ରୁ ୪୦କିମି ବେଗରେ ପବନ ବହିପାରେ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ସୁନ୍ଦରଗଡ଼, କେନ୍ଦୁଝର, ମୟୁରଭଞ୍ଜ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ବାଲେଶ୍ୱର, ଯାଜପୁର, ଭଦ୍ରକ ଓ ନବରଙ୍ଗପୁର ଆଦିରେ କାଳବୈଶାଖୀ ବର୍ଷା ସମ୍ଭାବନା ରହିଛି। କାଳବୈଶାଖୀ ସମୟରେ ୩୦ରୁ ୪୦କିମି ବେଗରେ ପବନ ହେବାର ବି ସମ୍ଭାବନା ରହିଛି। ଏଥିପାଇଁ ▶▶ପୃଷ୍ଠା ୭

ମୁହାଁମୁହିଁ ଧକ୍କା ପରେ ଟ୍ରକ୍ ସହ ଜଳିଗଲେ ଡ୍ରାଇଭର

ଦେବଗଡ,୩୦/୦୫: ଦୁଇଟି ଟ୍ରକ୍ ମଧ୍ୟରେ ହେଲା ମୁହାଁମୁହିଁ ଧକ୍କା। ଧକ୍କା ହେବା ପରେ ଗୋଟିଏ ଟ୍ରକ୍ ରାସ୍ତା ତଳକୁ ଖସି ଯାଇଥିବା ବେଳେ ଆଉ ଗୋଟିକରେ ଲାଗି ଯାଇଥିଲା ନିଆଁ। ନିଆଁ ଲାଗିବା ଯୋଗୁ ଉକ୍ତ ଟ୍ରକ୍‌ର ଡ୍ରାଇଭର ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଏଭଳି ଏକ ଘଟଣା ଘଟିଛି ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଅନ୍ତର୍ଗତ ବମ୍ପରଡ଼ା ଗାଁ ନିକଟରେ।

ଅକ୍ସିଜେନ୍ ସିଲିଣ୍ଡର ଧରି ଚୀନରୁ ଓଡିଶା ଆସିଲା ବିମାନ

ଭୁବନେଶ୍ୱର,୩୦/୦୫(ନି.ପ୍ର): ଚୀନରୁ ଆସିଲା ଅକ୍ସିଜେନ୍ ସିଲିଣ୍ଡର । କର୍ପୋରେଟ୍ ସୋସିଆଲ୍ ରେସପୋନସିବିଲିଟି ବା ସାମାଜିକ ଦାୟିତ୍ୱବୋଧ ଅଧୀନରେ ଏହି ଅକ୍ସିଜେନ୍ ସିଲିଣ୍ଡର ଯୋଗାଇଛି ଆର୍ସେଲର ମିଉଲ ନିପନ୍ ଇଣ୍ଡିଆ । ଓଡ଼ିଶାରେ ଅକ୍ସିଜେନର ଅଭାବ ନାହିଁ, ହେଲେ ଅଧିକ ସଂଖ୍ୟକ ଅକ୍ସିଜେନ୍ ସିଲିଣ୍ଡରର ଆବଶ୍ୟକତା ରହିଛି । ପ୍ରଥମ ପର୍ଯ୍ୟାୟରେ ଓଡ଼ିଶା ରାଜ୍ୟ ମେଡିକାଲ କର୍ପୋରେସନକୁ ୧୩୦୦ ସିଲିଣ୍ଡର ହସ୍ତାନ୍ତର କରିଛି ଆର୍ସେଲର ମିଉଲ । ଜୁନ୍ ଦ୍ୱିତୀୟ ସପ୍ତାହରେ ଅବଶିଷ୍ଟ ସିଲିଣ୍ଡର ଓଡ଼ିଶା ପହଁଚିବ । ଘରୋଇ ବ୍ୟବହାର ପାଇଁ ୧୦ ଲିଟର ଓ ଡାକ୍ତରଖାନା ପାଇଁ ୪୬.୭ ଲିଟର ବିଶିଷ୍ଟ ସିଲିଣ୍ଡର ଆସିଛି । ଚୀନର ସିଲିଣ୍ଡର ପ୍ରସ୍ତୁତକାରୀ ସଂସ୍ଥା ସାନଡୋଙ୍ଗ ୟୋଙ୍ଗାନ୍ ସଂସ୍ଥାରୁ ଏହି ସିଲିଣ୍ଡର ଅଣାଯାଇଛି । ପର୍ଯ୍ୟାୟ କ୍ରମେ ଆସେଲର ମିଉଲ ପକ୍ଷରୁ ମୋଟ ୫୧୦୦ ସିଲିଣ୍ଡର ଓଡିଶାକୁ ଯୋଗାଇ ଦିଆଯିବ । ଦ୍ୱିତୀୟ ପର୍ଯ୍ୟାୟରେ ଚୀନରୁ ସମୁଦ୍ର ପଥ ଦେଇ ବିଶାଖାପାଟଣା ପହଁଚିବା ପରେ ସେଠାରୁ ସଡ଼କପଥ ଦେଇ ଓଡ଼ିଶା ଆସିବ । ଇତି ମଧ୍ୟରେ ଓଡ଼ିଶା ୧୮ଟି ରାଜ୍ୟକୁ ପ୍ରାୟ ୨୫ ହଜାର ଟନ୍ ଅକ୍ସିଜେନ ଯୋଗାଇଛି । ଓଡ଼ିଶାରେ ଅକ୍ସିଜେନର ଅଭାବ ନାହିଁ ବୋଲି ରାଜ୍ୟ ସରକାର କହୁଥିବା ବେଳେ ଅକ୍ସିଜେନର ସୁପରିଚାଳନା ପାଇଁ ଏକ ଟାସ୍କଫୋର୍ସ ଗଠନ କରାଯାଇଛି ।

ଗୋଟିଏ ଦିନରେ ୯୫୪୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୩୦/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୯୫୪୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୭୫୬୬୮୪ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ୬୪୭୧୩୩ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୯୫୨୬୬ ରହିଛି। ଆଜି ଚିହ୍ନଟ ହୋଇଥିବା ୯୫୪୧ ଜଣଙ୍କ ମଧ୍ୟରୁ ୫୩୪୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୧୯୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରେ ସବୁଠାରୁ ଅଧିକ ୧୩୪୨ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୫୬୨ ଜଣ ସଂକ୍ରମିତ ଚିହ୍ନଟ ▶▶ପୃଷ୍ଠା ୭

ଜୁନ ମାସରୁ ବଡ଼ ପରିବର୍ତ୍ତନ : ଗ୍ରାହକଙ୍କ ଉପରେ ପଡ଼ିବ ସିଧାସଳଖ ପ୍ରଭାବ

ଭୁବନେଶ୍ୱର,୩୦/୦୫(ନି.ପ୍ର): ଜୁନ ପହିଲାରୁ ବଡ଼ ପରିବର୍ତ୍ତନ । ଗ୍ରାହକଙ୍କ ଉପରେ ପଡ଼ିବ ପ୍ରଭାବ । ଆସନ୍ତା ଜୁନ୍ ମାସରୁ ଆପଣଙ୍କ ଜୀବନଶୈଳୀ ସହ ଜଡିତ କେତେକ ପରିବର୍ତନ ହେବାକୁ ଯାଉଛି । ଆଉ ଯାହାର ସିଧାସଳଖ ପ୍ରଭାବ ଆପଣଙ୍କ ଉପରେ ପଡିବ । ଜୁନ ମାସରେ ଇନକମ୍ ଟ୍ୟାକ୍ସ ଠାରୁ ଆରମ୍ଭ କରି ବ୍ୟାଙ୍କିଂ ଏବଂ ନିବେଶ ସମ୍ପର୍କିତ ଅନେକ ନିୟମରେ ପରିବର୍ତନ ହେବାକୁ ଯାଉଛି । ଆସନ୍ତୁ ଜାଣିବା କେଉଁଥିରେ କଣ ପରିବର୍ତନ ହେବ । ବଦଳିପାରେ ଏଲପିଜି ସିଲିଣ୍ଡରର ଦର : ଜୁନ୍ ୧ ତାରିଖରୁ ବଦଳିପାରେ ଏଲପିଜି ସିଲିଣ୍ଡରର ଦର । ବର୍ତମାନ ଏଲପିଜି ସିଲିଣ୍ଡରର ଦାମ ପାଖାପାଖି ୮୫୦ ଟଙ୍କା ଥିବା ବେଳେ କମ୍ପାନୀ ପ୍ରତି ମାସ ଆରମ୍ଭରୁ ନୂଆ ଦର ଜାରି କରିଥାଏ । ତେଣୁ ପହିଲାରୁ ଦର କମିବା କିମ୍ବା ବଢିବା ନେଇ ନୂଆ ଦର ଧାର୍ଯ୍ୟ କରିବ କମ୍ପାନୀ । ଇନକମ୍ ଟ୍ୟାକ୍ସ ରିଟର୍ଣ୍ଣର ନୂଆ ୱେବସାଇଟ୍ : ଇନକମ୍ ଟ୍ୟାକ୍ସ ରିଟର୍ଣ୍ଣକୁ ନେଇ ହେବାକୁ ଯାଉଛି ବଡ଼ ପରିବର୍ତ୍ତନ । ଜୁନ୍ ୭ ତାରିଖରୁ ଆଇଟିଆରର ନୂଆ ୱେବସାଇଟ୍ ଲଂଚ ହେବ । ତେବେ ଜୁନ୍ ୧ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ଆପଣ ବର୍ତମାନର ୱେବସାଇଟର ବ୍ୟବହାର କରିପାରିବେ ନାହିଁ । ବଦଳିଯିବ ଆଇଏଫଏସସି କୋଡ୍ : କାନାରା ବ୍ୟାଙ୍କ ସହ ସିଣ୍ଡିକେଟ୍ ବ୍ୟାଙ୍କର ମିଶ୍ରଣ ପରେ ସିଣ୍ଡିକେଟ୍ ବ୍ୟାଙ୍କର ଗ୍ରାହକଙ୍କୁ ଜୁନ୍ ୩୦ ତାରିଖ ଭିତରେ ଆଇଏଫଏସସି କୋଡ୍ ଅପଡେଟ୍ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । କାରଣ ଜୁଲାଇ ୧ ତାରିଖରୁ ପୁରୁଣା ଆଇଏଫଏସସି କୋଡ୍ ଅମାନ୍ୟ ହୋଇଯିବ । ତେଣୁ ଆପଣ ସିଣ୍ଡିକେଟ୍ ବ୍ୟାଙ୍କର ଗ୍ରାହକ ହୋଇଥିଲେ, ଜୁନ ମାସ ଭିତରେ ଆପଣଙ୍କ ଆଇଏଫଏସସି କୋଡ୍ ଅପଡେଟ୍ କରାଇ

ଫୁଲବାଣୀରେ ଫ୍ରଣ୍ଟଲାଇନ ମିଡିଆ ଆସୋସିଏସନ ତରଫରୁ ରାସନ ବଣ୍ଟନ କାର୍ଯ୍ୟକ୍ରମ

କନ୍ଧମାଳ,୩୦/୫ (ନି.ପ୍ର): ଫୁଲବାଣୀ ପ୍ରେସ ସାମ୍ବାଦିକ ଭାବନଠାରେ ଆଜି ଜିଲ୍ଲା ଫ୍ରଣ୍ଟଲାଇନ ମିଡିଆ ଅସୋସିଏସନ ତରଫରୁ ଫୁଲବାଣୀର ସମସ୍ତ ସାମ୍ବାଦିକ ମାନଙ୍କୁ ରାସନ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କନ୍ଧମାଳ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ସାହୁ ଉଦଘାଟନ କରି ସାମ୍ବାଦିକ ମାନଙ୍କୁ ଏହି ରାସନ ସାମଗ୍ରୀ ପ୍ରଦାନ କରିବାସହିତ କୋଭିଡ ସଂକ୍ରମଣବେଳେ ସାମ୍ବାଦିକ ମାନଙ୍କ ଅସୁବିଧାରେ ଏହିଭଳି ସହାୟତା ପାଇଁ ଆୟୋଜନ ଆସୋସିଏସନ ଦ୍ୱାରା କରାଯାଇଥିବାରୁ ଆୟୋଜକ ମାନଙ୍କୁ ପ୍ରଶଂସା କରିଥିଲେ । କୋଭିଡ ସଂକ୍ରମଣ ଯୋଗୁଁ ଲକଡାଉନ କାଳରେ ସାମ୍ବାଦିକ ମାନଙ୍କ କାର୍ଯ୍ୟକ୍ଷେତ୍ରରେ ନାନା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ସେଥିପାଇଁ ଫୁଲବାଣୀର ସମସ୍ତ ସାମ୍ବାଦିକ ଏବଂ କ୍ୟାମେରାମେନ ମାନଙ୍କୁ ରାସନ ସାମଗ୍ରୀ ବଣ୍ଟନ କରାଯିବା ସହିତ ନିକଟରେ କୋଭିଡ ସଂକ୍ରମଣରେ ମୃତ୍ୟୁବରଣ କରିଥିବା ଫୁଲବାଣୀର ସାମ୍ବାଦିକ ଆଶୁତୋଷ ବେହେରାଙ୍କ ଆତ୍ମାର ସଦଗତି ପାଇଁ ସହରର ସମସ୍ତ ଗରିବ ଦୁଃଖୀ ମାନଙ୍କ ପାଇଁ ସ୍ୱର୍ଗତ ଆଶୁତୋଷଙ୍କ ଦ୍ୱାଦଶାହ ପାଳନ ବେଳେ ଆସୋସିଏସନ ପକ୍ଷରୁ ରନ୍ଧା ଖାଦ୍ୟ ବଣ୍ଟନ କରାଯିବା ପାଇଁ କନ୍ଧମାଳ ଟିମ ହ୍ୟୁମାନିଟିକୁ ମଧ୍ୟ ଏହି ରାସନ ସାମଗ୍ରୀ ପ୍ରଦାନ କରାଯାଇଛି । ଏହି ଅବସରରେ ଫୁଲବାଣୀ ପ୍ରେସ କ୍ଲବର ସଭାପତି ଶିବପ୍ରସାଦ ତ୍ରିପାଠୀ,ସମ୍ପାଦକ ଅଜିତ କୁମାର ମହାରଣା, ଫ୍ରଣ୍ଟଲାଇନ ମିଡିଆ ଅସୋସିଏସନର ସଭାପତି ସୁଜିତ କୁମାର ବେହେରା,ସମ୍ପାଦକ ତ୍ରିନାଥ ସାହୁ ଉପଦେଷ୍ଟା ସୁନିଲ କୁମାର ପଟ୍ଟନାୟକ, ସଦାଶିବ ପାତ୍ର,ବରିଷ୍ଠ ସାମ୍ବାଦିକ ସୁବାଷ ପ୍ରଧାନ, ନାରାୟଣ ସାହୁ, କାର୍ଯ୍ୟକାରୀ ସଭାପତି ପ୍ରଜବିହାରୀ ନନ୍ଦ,ଉପସଭାପତି ଅଶୋକ କୁମାର ମହାନ୍ତି,କୋଷାଧ୍ୟକ୍ଷ ସୁନିଲ କୁମାର ବିଶ୍ୱାଳ, ସ୍କ୍ରୁଟିନି କମିଟି ସଭାପତି ରଞ୍ଜନ କୁମାର ପ୍ରଧାନ, ରାକେଶ ରାଉତ, କାର୍ଯ୍ୟକାରୀ ସଦସ୍ୟ ପ୍ରଶାନ୍ତ କୁମାର ଜେନାଙ୍କ ସମେତ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ । ପ୍ରଦାନ କରାଯାଇଥିବା ଏହି ସାମଗ୍ରୀ ଭିତରେ ପ୍ରତ୍ୟେକଙ୍କୁ ଗୋଟିଏ ପ୍ୟାକେଟ୍ ଚାଉଳ, ଡାଲି, ଚିନି, ତେଲ, ଅଟା, ବୁଡା, ବିସ୍କୁଟ, ସାବୁନ, ସର୍ଫ ଏବଂ ସେଥିରେ ଗୋଟିଏ ଲେଖାଏଁ ସାନିଟାଇଜର କିଟ୍ ପ୍ରଦାନ କରାଯାଇଛି । କୋଭିଡ ସଂକ୍ରମଣ ବେଳେ ଲକଡାଉନ ସମୟରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ଜୀବିକା ପ୍ରଭାବିତ ହୋଇଥିବାରୁ ଆସୋସିଏସନ ପକ୍ଷରୁ ଏହି ଆୟୋଜନ କରାଯାଇଛି ବୋଲି ସମ୍ପାଦକ ତ୍ରିନାଥ ସାହୁ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ମାନଙ୍କ ସମେତ କ୍ୟାମେରା ମେନ ମାନଙ୍କୁ ମଧ୍ୟ ଏହି ସାମଗ୍ରୀ ବିତରଣ କରାଯାଇଥିଲା ।

ମାର୍କସିଟ୍ ପ୍ରଦାନରେ ଟଂଚକତା : ଶିକ୍ଷାଧିକାରୀଙ୍କ ତାଗଦା

କେନ୍ଦ୍ରାପଡ଼ା,୩୦/୫ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳରେ ଥିବା କେତେକ ଘରୋଇ ସ୍କୁଲର ମେଟ୍ରିକ୍ ପରୀକ୍ଷା ଫଳ ପ୍ରକାଶନ ପାଇଁ ଶିକ୍ଷା ବିଭାଗ ପକ୍ଷରୁ ନବମ ଓ ଦଶମ ଶ୍ରେଣୀ ଟେଷ୍ଟ ପରୀକ୍ଷାର ନମ୍ବର ପଠାଇବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇ ଥିଲା । କରୋନା ସଂକ୍ରମଣ ପାଇଁ ଦଶମ ପରୀକ୍ଷାର ଫଳ ନବମ ପରୀକ୍ଷା ଫଳ ଓ ଦଶମ ଟେଷ୍ଟ ପରୀକ୍ଷା ଫଳ ଆଧାରରେ ନିର୍ଦ୍ଧାରଣ କିରାଯିବ ବୋଲି ଶିକ୍ଷା ବିଭାଗ ସ୍କୁଲ ଗୁଡିକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ପୌରାଂଚଳର ୩ଗୋଟି ଘରୋଇ ସ୍କୁଲ ଛାତ୍ରଛାତ୍ରୀଙ୍କର ନମ୍ବର (ମାର୍କସିଟ୍) ପ୍ରଦାନରେ ଟଂଚକତା କରି ଶିକ୍ଷା ବିଭାଗକୁ ରିପୋର୍ଟ ପ୍ରଦାନ କରିଥିଲେ । ଯାଂଚ କମିଟିକୁ ସନ୍ଦେହ ହେବାରୁ ଛାତ୍ରଛାତ୍ରୀ ମାନଙ୍କର ନବମ ଶ୍ରେଣୀର ପରୀକ୍ଷା ଖାତା ଓ ଦଶମ ଶ୍ରେଣୀର ଟେଷ୍ଟ ଖାତା ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ୩ଟି ସ୍କୁଲ ପକ୍ଷରୁ ଖାତା ଦାଖଲ ହେବା ପରେ କମିଟି ତାହା ଯାଂଚ କରିଥିଲା । ଛାତ୍ରଛାତ୍ରୀଙ୍କର ନମ୍ବର କେତେକ ଯାଗାରେ ଭୁଲ ମିଳିବାରୁ ଜିଲ୍ଲା ଶିକ୍ଷାଧିକାରୀ ଏହି ୩ଗୋଟି ସ୍କୁଲକୁ ନମ୍ବର ସଂଶୋଧନ କରି ପଠାଇବା ପାଇଁ ନିର୍ଦ୍ଦେଶ ଦେବା ସହ ନମ୍ବର ପ୍ରଦାନରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ତାଗଦା କରିଥିଲେ । ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଁ କରୋନା ସଂକ୍ରମଣ କାଳରେ ନୂତନ ପଦ୍ଧତି ଅବଲମ୍ବନ କରାଯାଇ ଥିବାରୁ ଏଥିରେ ପାରଦର୍ଶୀତା ରଖିବା କୁ ଶିକ୍ଷା ଅନୁଷ୍ଠାନ ଗୁଡିକ ଯତ୍ନବାନ୍ ହେବେ ବୋଲି ଆଶା ପ୍ରକାଶ କରିବା ସହ ଏଥିରେ ତ୍ରୁଟି ବିଚ୍ୟୁତି ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ସଂଜୀବ କୁମାର ସିଂହ ସୂଚନା ଦେଇଛନ୍ତି । ଅପରପକ୍ଷରେ ଡାଟା ଏଣ୍ଟ୍ରି ଅପରେଟର ଭୁଲ୍ ଯୋଗୁଁ କେତେକ ତ୍ରୁଟି ଦେଖା ଦେଇଛି ବୋଲି ଅନୁଷ୍ଠାନ ସଫେଇ ଦେଇଛନ୍ତି ।

ଭଡ଼ାରେ ଲାଗିଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ

ଗଞ୍ଜାମ,୩୦/୫ (ନି.ପ୍ର): ବାସହୀନଙ୍କୁ ଘର ଯୋଗାଇଦେବା ପାଇଁ ସରକାରୀ ସ୍ତରରେ ବିଭିନ୍ନ ଯୋଜନା କରାଯାଇଛି । ଏହାର ସଫଳ ରୂପାୟନ ମଧ୍ୟ ହୋଇଛି, କିନ୍ତୁ, କିଛି ହିତାଧିକାରୀ ଯୋଜନାରେ ଘର ପାଇବା ପରେ ତାହା କେଉଁ କାମରେ ବିନିଯୋଗ ହେଉଛି, ସେ ଦିଗରେ କେହି ତଦନ୍ତ କରୁନାହିଁନ୍ତି । ଏହିଭଳି ଏକ ଯୋଜନାରେ ଘର ପାଇ ତାହାକୁ ଭଡ଼ାରେ ଲଗାଇବା ଘଟଣା ସାମ୍ନାକୁ ଆସିଛି । ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଜଗନ୍ନାଥ ବିହାର ଅଷ୍ଟମ ଲେନ୍ ନିକଟସ୍ଥ ମଶାଣି ସାହିରେ ରହିଛି ଏହି ଘର । ପୁଣି ସେହି ଘରକୁ ପୋଲିସ ଠାବ କରିଛି । ଏହି ଘରେ ଦୀର୍ଘ ଦିନ ଧରି ଏକ ନକଲି ମଦ ଫ୍ୟାକ୍ଟ୍ରୀ ଚାଲିଥିବା ଜଣାପଡିଛି । ଏଥିରୁ ସ୍ପଷ୍ଟ ହୋଇଛି ଯେ, ସରକାରୀ ଯୋଜନାରେ ହିତାଧିକାରୀଙ୍କୁ ମିଳିଥିବା ଘର କେଉଁ କାର୍ଯ୍ୟରେ ବିନିଯୋଗ ହେଉଛି । ଏହା କେବଳ ଗୋଟିଏ ଉଦାହରଣ । ଏନେଇ ଅଧିକ ତଦନ୍ତ କରାଗଲେ ଆହୁରି ଅନେକ ଘର ବାହାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ବାଇପାସ ଛକରୁ କୋର୍ଟ ଛକ ରାସ୍ତା ପାଲଟିଛି ମରଣଯନ୍ତା

ଭୁବନ,୩୦/୫ (ନି.ପ୍ର): ଭୁବନ ସହର ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥର କାଳୀବଜାର ମୁଖ୍ୟରାସ୍ତାରେ ଗାଡିଆ ସୃଷ୍ଟି ହୋଇଛି । ୫୩ ନମ୍ବର ଜାତୀୟ ରାଜପଥରେ ଏବେ ୪ ଥାକିଆ ରାସ୍ତାକାମ ଓ ବାଇପାସ ନିର୍ମାଣ ଚାଲିଥିବାବେଳେ ସହର ମଧ୍ୟଦେଇ ଯାଇଥିବା ରାସ୍ତାଟି ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଖାଲଖମାରେ ପରିଣତ ହୋଇ ମରଣଯନ୍ତା ପାଲଟିଛି । ଗୋଦରା କୋଡେ ଯେତେ ମାଡେ ସେତେ ନ୍ୟାୟରେ ସେପଟେ ୪ ଟିକିଆ ରାସ୍ତା କାମ ଯେତେ ଅଗ୍ରଗତି ହେଉଛି ଏପଟେ ପୁରୁଣା ରାସ୍ତା ଭାଙ୍ଗିରୁଜି ନଷ୍ଟହୋଇ ଆଣ୍ଠୁଏ ଲେଖାଏଁ ଖାଲ ସୃଷ୍ଟି ହେଉଛି । ବାଇପାସ ରାସ୍ତା ନିର୍ମାଣ କମ୍ପ୍ଲିଟ ହୋଇ ନଥିବାରୁ ଦୈନିକ ଶତାଧିକ କୋଇଲା ବୋଝେଇ ଟ୍ରକ ଓ ବାଲି ବୋଝେଇ ହାଇୱା ଟ୍ରକ ଚାଲିବା ଫଳରେ ରାସ୍ତା ଅତ୍ୟନ୍ତ ଖରାପ ହେଉଛି । ଭୁବନ ସହରର ପ୍ରବେଶ ପଥ ବାଇପାସ ଛକ (ନୀଳମାଧବ ପେଟ୍ରୋଲ ପମ୍ପ) ଠାରୁ କୋର୍ଟ ଛକ ପର୍ଯ୍ୟନ୍ତ ୩ କିମି ରାସ୍ତାରେ ହଜାରେ ରୁ ଉର୍ଦ୍ଧ୍ୱ ଖାଲ ସୃଷ୍ଟି ହୋଇଛି । ବର୍ଷା ହେବା ଫଳରେ ଖାଲରେ ପାଣି ଜମି କୃତ୍ରିମ ଗାଡିଆ ସୃଷ୍ଟି ହୋଇଛି ଓ ପ୍ରତିଦିନ ଛୋଟବଡ ଦୁର୍ଘଟଣା ମଧ୍ୟ ଘଟୁଛି । ବାଇକ ଆରୋହୀମାନେ କେତେବେଳେ ଖାଲରେ ପଡୁଛନ୍ତି ତ କେତେବେଳେ କାଦୁଅପାଣି ଛିଟିକାରେ ଗାଧୋଇ ପଡୁଛନ୍ତି । ଅତିତରେ ଏହି ରାସ୍ତାକୁ ନେଇ ଅନେକ ଆନ୍ଦୋଳନ ହୋଇଛି । ଆନ୍ଦୋଳନ ପରେ ବିଭାଗ ତରଫରୁ କେବଳ ଯାହିତାହି ମରାମତି କରି କାମ ସାରି ଦେଉ ଥିବାରୁ ନିର୍ମାଣର କିଛିଦିନ ପରେ ରାସ୍ତା ଅବସ୍ଥା ପୁଣି ଯଥାପୂର୍ବଂ ତଥା ପରମ ହୋଇଯାଉଛି । ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ଯଥାଶୀଘ୍ର ରାସ୍ତା ନିର୍ମାଣ/ମରାମତି କରିବାକୁ ଦାବି ହୋଇଛି ଅନ୍ୟଥା ଲକଡାଉନ ରେ ମଧ୍ୟ ରାସ୍ତାରୋକ ଆନ୍ଦୋଳନ କରିବାକୁ ଚେତାବନି ଦିଆଯାଇଛି ।

ପରିସଂଖ୍ୟାନ କାର୍ଯ୍ୟାଳୟର ତାଲା ଖୋଲିବ କେବେ ?

ଭୁବନ,୩୦/୫ (ନି.ପ୍ର): ଭୁବନ ଥାନା ସମ୍ମୁଖ ତଥା ୫୩ ନମ୍ବର ଜାତୀୟ ରାଜପଥ କଡରେ ଆଜକୁ ଦୀର୍ଘ ୫ ବର୍ଷରୁ ଉର୍ଦ୍ଧ୍ୱ ଦିନ ହେଲା ପରିସଂଖ୍ୟନ କାର୍ଯ୍ୟାଳୟ ପ୍ରତିଷ୍ଠା ହୋଇଥିଲେ ମଧ୍ୟ ଆରମ୍ଭ ଦିନରୁ ଆଜିଯାଏ ତାହା ବନ୍ଦ ହୋଇ ପଡିରହିଛି । ଫଳରେ ତାହା ଏବେ ଭୂତକୋଠିରେ ପରିଣତ ହୋଇଛି । ଏହି କାର୍ଯ୍ୟାଳୟର କାମ କଣ, କର୍ମଚାରୀ କିଏ ? ଜନସାଧାରଣ ତାହା ଜାଣିପାରୁନାହାଁନ୍ତି । ଲକ୍ଷାଧିକ ଟଙ୍କା ବିନିମୟରେ ନିର୍ମାଣ ହୋଇଥିବା ଏହି ବିଲଡିଂ କେଉଁ କାରଣରୁ ବନ୍ଦ ରହିଛି ତାହା ବୁଝାପଡୁନାହିଁ । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟିନଦେଲେ ଆଗାମୀ ଦିନରେ କବାଟ, ଝରକା, ଗ୍ରୀଲ ଇତ୍ୟାଦି ଚୋରି ହେବା ସହିତ ଏହି କାର୍ଯ୍ୟାଳୟଟି ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀରେ ପରିଣତ ହେବାର ସମ୍ଭାବନା ରହିଛି ।

ଲକ ଡାଉନ ଯୋଗୁଁ ଗୋଆରେ ଫସିଥିବା ଯୁବକ ଫେରିଲେ ଘରକୁ

ମଲକାନଗିରି,୩୦/୫ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ଅଂଚଳର ମିଥୁନ ସରକାର ସ୍ଥାନୀୟ ଅଂଚଳରେ କାମଧନ୍ଦା ନାହିଁ ବୋଲି ତିନି ମାସ ତଳେ ସ୍ତ୍ରୀ ଓ ଗୋଟିଏ ଛୋଟ ଛୁଆକୁ ସାଙ୍ଗରେ ଧରି ସୁଦୂର ଗୋଆ ଯାଇଥିଲେ । ତିନି ମାସ ତଳେ ସେ ଏକ ଘରୋଇ କମ୍ପାନୀ ରେ ସିକୁରିଟି ଗାର୍ଡ ଭାବେ ଚାକିରୀପାଇଥିଲେ । କିନ୍ତୁ ୨ ମାସ କାମ କଲା ପରେ ଲକ୍ ଡାଉନ୍ ପାଇଁ ତାଙ୍କୁ ୧୫ ଦିନର ଦରମା ଦେଇ କମ୍ପାନୀ କାମରୁ ଛଟେଇ କରିଦେଲା ।ବର୍ତ୍ତମାନ ମିଥୁନ ହାତରେ କାମ ନାହିଁ । କାଲିମେଳା ଆସିବା ପାଇଁ ନା ଅଛି ଟଙ୍କା ନା ଅଛି ଯାତାୟତର ସୁବିଧା । ଏବେ ମାନସିକ ଯନ୍ତ୍ରଣାରେ ଛଟପଟ ହୋଇ ଦିନ କାଟୁଛନ୍ତି ଗୋଆର ଏକ ଭଡା ଘରେ । ହାତରେ ଟଙ୍କାଟିଏ ନାହିଁ । ଭୋକ ଉପବାସରେ ଦିନ କାଟୁଥିବା ବେଳେ ଘର ମାଲିକ ଘର ଛାଡିବା ପାଇଁ ବାରମ୍ବାର ଧମକ ଦେଉଛି । ତାଙ୍କୁ ଓଡିଶା ସରକାର ତୁରନ୍ତ ସାହାଯ୍ୟ କରିବା ପାଇଁ ମିଥୁନ ସୋସିଆଲ ମିଡିଆରେ ବିନମ୍ର ନିବେଦନ କରିଥିଲେ । ଏହି ଭିଡ଼ିଓ ଭାଇରଲହେବାପରେ ମାଲକାନଗିରି ଜିଲ୍ଲାପାଳ ୱାଇ ବିଜୟ ତୁରନ୍ତ କାଲିମେଳା ବିଡିଓଙ୍କ ସହିତ ଯୋଗାଯୋଗ କରିଥିଲେ । କାଲିମେଳା ବିଡିଓ ଠିକଣା ପାଇ ତୁରନ୍ତ ମିଥୁନ ସରକାର ଏବଂ ତାଙ୍କ ସ୍ତ୍ରୀ ସରିତାଙ୍କର ଆଧାର କାର୍ଡ କରି ଗୋଆ ପଠାଇଥିଲେ । ଏହା ପରେ ଗଣ ମାଧ୍ୟମରେ ପ୍ରକାଶିତ ଖବର ପାଇ କିଟ୍ ଓ କିସ୍ତ ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଡଃ ଅଚ୍ୟୁତ ସାମନ୍ତ ଗୋଆରେ ଫଶି ରହିଥିବା ମିଥୁନ ସରକାରଙ୍କ ସପରିବାରଙ୍କୁ ଆଣିବା ପାଇଁ ଟିକେଟ୍ ର ବ୍ୟବସ୍ଥା କଲା ପରେ ଗୋଆରେ ରହୁଥିବା ବିଶିଷ୍ଟ ସମାଜସେବୀ ପ୍ରଣୟ ବିର୍ଲାଙ୍କୁ ଡଃ ସାମନ୍ତ ଯୋଗାଯୋଗ କରିଥିଲେ । ପ୍ରଣୟ ବିର୍ଲା ମିଥୁନ ପରି ବାରଙ୍କୁ ଗାଡିରେ ଆଣି ଗୋଆ ଏୟାର ପୋର୍ଟରେ ଗତ ୨୭ ତାରିଖରେ ଛାଡିଲା ପରେ ସେମାନେ ବିଶାଖାପଟଣାରେ ପହଂଚି ଥିଲେ । ମାଲକାନଗିରି ଜିଲ୍ଲାରୁ ଅନ୍ୟତମ ସମାଜସେବୀ ବିନୋଦ ଟାଓ୍ୱାରୀ ବିଶାଖା ପାଟଣାରେ ପୂର୍ବରୁ ପହଂଚି ସେମାନଙ୍କୁ ଗାଡିରେ ବସାଇ ରାତି ୩ ଘଟିକା ସମୟରେ ମାଲକାନଗିରି ଆଣିଥିଲେ । ମାଲକାନଗିରି ସଦର ମହକୁମାର ରମ୍ୟରଞ୍ଜନ ପରିଡା ସମାଜସେବୀ ସେମାନଙ୍କୁ ଆଜି ସକାଳେ ଚିତ୍ରକୋଣ୍ଡାରେ ଛାଡିଥିବା ଜଣା ପଡିଛି । ମିଥୁନ ପୂର୍ବରୁ ଚିତ୍ରକୋଣ୍ଡାରେ ରହି ପରିବା ବ୍ୟବସାୟ କରୁଥିଲେ । ତେବେ ଲକ୍ ଡାଉନ୍ ସମୟରେ ଏଠାରେ ରହି ପରିବା ବିକି ପରିବାର ପ୍ରତିପୋଷଣ କରିବେ ବୋଲି କହିଥିଲେ । ତେବେ ତାଙ୍କୁ ଆଣିବା ପାଇଁ ଯେଉଁମାନଙ୍କର ଉଦ୍ୟମ ରହିଛି ସମସ୍ତଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି ।

୨୧ ଦିନ କରୋନା ସହିତ ଲଢେଇ କରି ଶେଷରେ ଜିତିଲେ ଭିନ୍ନକ୍ଷମ ବାଳିକା

କନ୍ଧମାଳ ,୩୦/୫ (ନି.ପ୍ର): କନ୍ଧମାଳ ଜିଲ୍ଲା ଟିକାବାଲି କୋଭିଡ ସେବା କେନ୍ଦ୍ରରେ ଗତ ୨୧ ଦିନ ହେଲା କରୋନାରେ ସଂକ୍ରମିତ ହୋଇ ଚିକିତ୍ସିତ ହେଉଥିବା ଜଣେ ଭିନ୍ନକ୍ଷମ ବାଳିକା(ଉଭୟ ଅଖି ଅନ୍ଧ) ଆଜି ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି । ତାଙ୍କର କୋଭିଡ ପରୀକ୍ଷାରେ ନେଗେଟିଭ ରିପୋର୍ଟ ଆସିବାପରେ ତାକୁ ଜିଲ୍ଲାର ଘୁ.ଉଦୟଗିରିରେ ଥିବା ସୁଭଦ୍ରା ମହତାବ ମାଳିକା ହଷ୍ଟେଲରେ ଛାଡି ଦିଆଯାଇଥିବା ନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି । ସେ ଟିକାବାଲି କୋଭିଡ ହସପିଟାଲରେ ଡ. ଜ୍ୟୋତିରଞ୍ଜନ ଜେନାଙ୍କ ଦାୟୀତ୍ୱରେ ଚିକିତ୍ସିତ ହେଉଥିଲା । ଆଜି ତାକୁ ହସପିଟାଲରୁ ଡିସଚାର୍ଜ କରିବାବେଳେ ସେଠାରେ ଥିବା ସ୍ୱାସ୍ଥ୍ୟ କର୍ମଚାରୀ ମାନଙ୍କ ମଧ୍ୟରେ କିଛି ସମୟ ପାଇଁ ଭାବପ୍ରବଣତା ଦେଖା ଦେଇଥିଲା । ବାଳିକା ଜଣକୁ ଉତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ସହିତ ତାକୁ ସୁସ୍ଥ କରିବାରେ ସଫଳତା ପାଇଁ କନ୍ଧମାଳ ଜିଲ୍ଲାପାଳ ଡ.ବୃନ୍ଦା ଡି ଦାୟୀତ୍ୱରେ ଥିବା କର୍ମଚାରୀ ମାନଙ୍କୁ ସାଧୁବାଦ ଦେଇଛନ୍ତି ।

କେଲୁଅ ନଦୀରୁ ଅଜଣା ବ୍ୟକ୍ତିର ମୃତ ଦେହ ଉଦ୍ଧାର : କାରଣ ଅସ୍ପଷ୍ଟ

ଧର୍ମଶାଳା,୩୦/୫ (ନି.ପ୍ର): କରୋନା କଟକଣା ଚାଲିଥିବା ବେଳେ ଅନ୍ୟପଟେ ନଦୀରେ ଶବ ଭାସିବା ଖବର ନେଇ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଧର୍ମଶାଳା ଥାନା ଅନ୍ତର୍ଗତ ଦେଓଦା ସ୍ୱାଇଁସାହି ଗ୍ରାମ ନିକଟରେ ପ୍ରଭାବିତ ହେଉଥିବା ବ୍ରାହ୍ମଣୀ ନଦୀର ଶାଖା ନଦୀ କେଲୁଅରେ । ଆଜି ସକାଳୁ ଜଣେ ଅଜଣା ବ୍ୟକ୍ତି ପାଣିରେ ମୁହଁ ମାଡି ହୋଇ ଭାସୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ । ତେବେ ଏହି ଖବର ପ୍ରଚରିତ ହେବା ପରେ ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଖବର ପାଇ ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପଂହଚି ପାଣିରୁ ଶବକୁ ଉଦ୍ଧାର କରିଥିଲେ । ଏହି ଶବଟି ଜଣେ ପୁରୁଷର ହୋଇଥିବା ବେଳେ ,ଶବଟି ସପ୍ତାହ ପୂର୍ବରୁ ଏବଂ ଏହାର ବୟସ ୫୦ରୁ ଉର୍ଦ୍ଧ ହେବ ବୋଲି ଜଣାପଡିଛି । ସେ କେବଳ ଏକ ହାତ କଟା ଗଞ୍ଜି ପିନ୍ଧିଥିବା ଜଣାପଡିଛି । ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମେନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇ ତଦନ୍ତ ଚଳାଇଥିବା ଜଣାପଡିଛି । ତେବେ ଏହି ଶବ କେଉଁଠୁ ଆସିଲା,କିପରି ମୃତ ହେଲା ନାଁ କେହି ହତ୍ୟା କରି ପିଙ୍ଗି ଦେଇଥିବା ବେଳେ ଅନେକ ଲୋକେ ଏହାକୁ କରୋନା ଜନିତ ମୃତ୍ୟୁ ହୋଇଥିବା ବେଳେ କେହି ନଦୀରେ ଫୋପାଡି ଦେଇଥିବା ଅନୁମାନ କରାଯାଉଛି । ସୂଚନା ଥାଉକି ଗତ କାଲି ବିଳମ୍ବିତ ରାତିରେ ଏହି ସ୍ୱାଇଁସାହି ଗ୍ରାମର କିଛି ଲୋକେ ନଦୀକୁ ନିତ୍ୟକର୍ମ ସାରିବାକୁ ଯାଇଥିଲେ । ପାଣିରେ ଏକ ଭସୁଥିବା ଦେଖିବାକୁ ପାଇଥିଲେ । ରାତି ହୋଇଥିବାରୁ ଏହାକୁ ଦେଖିବା ସମ୍ଭବ ହୋଇନଥିଲା । ତେବେ ଆଜି ପାହାନ୍ତାରେ ଗାଁ ନଦୀ ତୁଠରେ ମୁହଁ ମାଡି ହୋଇ ଶବଟି କୂଳରେ ଲାଗିଥିବା ଦେଖିବାକୁ ମିଳିଥିଲା । ଫଳରେ ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ । ଆଜି ଅପରାହ୍ନରେ ପୋଲିସ ପଂହଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠା ଦେଇ ତଦନ୍ତ ଚଳାଇଥିବା ଜଣାପଡିଛି ।

ୱେବ୍ ମିଡିଆ ଆକ୍ଟିଭ ଫୋରମ ପକ୍ଷରୁ ସାମ୍ବାଦିକ ଆଶୁତୋଷଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

କନ୍ଧମାଳ ,୩୦/୫ (ନି.ପ୍ର): କନ୍ଧମାଳ ଜିଲ୍ଲା ସଦରମହକୁମା ଫୁଲବାଣୀରେ ଥିବା ବନାନୀ କଳାସଙ୍ଗମ ଠାରେ ଫୁଲବାଣୀ ୱେବ୍ ମିଡିଆ ଫୋରମ ପକ୍ଷରୁ ସ୍ୱର୍ଗତ ସାମ୍ବାଦିକ ଆସୁତୋଷ ବେହେରାଙ୍କ ଉଦେଶ୍ୟରେ ଏକ ଶୋକ ସଭା ଅନୁଷ୍ଠିତ । କାର୍ଯ୍ୟକ୍ରମ ଆମ ଟିଭିର ସମ୍ବାଦଦାତା ଖିରୋଦ କୁମାର ସାହାଣୀଙ୍କ ଆହ୍ୱାନରେ ଆୟୋଜିତ ହୋଇଥିଲା । ଏହି ଶୋକସଭାରେ ଓଡିଶା ୟୁନିୟନ ଅଫ୍ ଜର୍ଣ୍ଣାଲିଷ୍ଟସ କନ୍ଧମାଳ ଜିଲ୍ଲା (ଓୟୁଜେ)ସଭାପତି ପ୍ରଶାନ୍ତ କୁମାର ବେହେରା,ଜିଲ୍ଲା ପ୍ରେସ କ୍ଲବର ଉପସଭାପତି ସନ୍ତୋଷ କୁମାର ଦିଗାଲ,ସାମ୍ବାଦିକ ସୁନିଲ ବିଶ୍ୱାଳ ଏବଂ ସୂର୍ଯ୍ୟ ବେହେରା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଅତିଥି ମାନେ ସ୍ୱର୍ଗତ ସାମ୍ବାଦିକ ଆସୁତୋଷ ବେହେରାଙ୍କ ତୈଳଚିତ୍ରରେ ପୁଷ୍ପମା

ସମ୍ବଲପୁରର ସୌନ୍ଦର୍ଯ୍ୟ

ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ତଥା ଶିକ୍ଷା, ସ୍ୱାସ୍ଥ୍ୟ ଓ ବ୍ୟବସାୟିକ କେନ୍ଦ୍ର ସମ୍ବଲପୁରରେ ରହିଛି ୫ଶହ ବର୍ଷ ପୁରୁଣା ସମଲେଶ୍ୱରୀ ମନ୍ଦିର । ସମ୍ବଲପୁର ଦେଇ ଯାଉଥିବା ବା ସମ୍ବଲପୁର ଆସିଥିବା ରାଜନୈତିକ ନେତା, ସରକାରୀ ଅଧିକାରୀ, ପର୍ଯ୍ୟଟକଟିଏ ବି ହୁଅନ୍ତୁ ନା କାହିଁକି ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀଙ୍କୁ ଦର୍ଶନ ନକରି ଫେରନ୍ତି ନାହିଁ । ସମ୍ବଲପୁରୀ ବସ୍ତ୍ର ବିଶ୍ୱ ବିଦିତ । ସମ୍ବଲପୁରକୁ ଆସୁଥିବା ପର୍ଯ୍ୟଟକ ଏଠାରୁ ସମ୍ବଲପୁରୀ ଶାଢ଼ି ଓ ଅନ୍ୟାନ୍ୟ ବସ୍ତ୍ର କିଣିବା ପସନ୍ଦ କରନ୍ତି । ଏଠାରେ ବିଶ୍ୱ ପ୍ରସିଦ୍ଧ ହୀରାକୁଦ ନଦୀବନ୍ଧ ସହିତ ରହିଛି ବୁଢ଼ାରଜା ପାହାଡ଼, ତେବ୍ରିଗଡ଼/ ଉଷାକୋଠି ଅଭୟାରଣ୍ୟ, ହୁମା ବକ୍ର ମନ୍ଦିର, ଘଣ୍ଟେଶ୍ୱରୀ ପୀଠ, ଡେବ୍ରିଗଡ଼ ଅଭୟାରଣ୍ୟ, ଭୀମମଣ୍ଡଳୀ ପରି ବହୁ ଦର୍ଶନୀୟ ସ୍ଥାନ ।

ହୀରାକୁଦ ବନ୍ଧ

ସମ୍ବଲପୁରରୁ ମାତ୍ର ୧୬ କିଲୋମିଟର ଦୂରରେ ମହାନଦୀ ଉପରେ ରହିଛି ବିଶ୍ୱର ଦୀର୍ଘତମ ମାଟି ବନ୍ଧ । ୭୪୬ ବର୍ଗ କିଲୋମିଟର ପରିସୀମାରେ ଏହି ଡ୍ୟାମ ରହିଛି । ଡାଇକ ଉପରେ ପ୍ରାୟ ୨୧ କିଲୋମିଟରର ରାସ୍ତା ରହିଛି । ଏହି ନଦୀବନ୍ଧର ଉତ୍ତରପଟେ ଗାନ୍ଧୀ ମିନାର ଓ ଦକ୍ଷିଣ ପଟେ ଜବାହର ମିନାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ଜବାହର ଉଦ୍ୟାନରୁ ଗାନ୍ଧୀ ମିନାରକୁ ଏବେ ରୋପୱେ' ସୁବିଧା କରାଯାଇଛି । ହୀରାକୁଦ ଡ୍ୟାମରେ ଫଟୋ ଉଠାଇବା ମନା ଥିବାବେଳେ ପର୍ଯ୍ୟଟକଙ୍କୁ ହୀରାକୁଦ ସୁରକ୍ଷା ଏଜେନ୍ସିଠାରୁ ଅନୁମତି ନେବାକୁ ପଡ଼ିଥାଏ ।

ଉଷାକୋଠି ଅଭୟାରଣ୍ୟ

ସମ୍ବଲପୁରରୁ ପ୍ରାୟ ୪୮କିଲୋମିଟର ଦୂର ବଡ଼ରମାରେ ରହିଛି ଉଷାକୋଠି ଅଭୟାରଣ୍ୟ । ସେଠାରେ ପ୍ରାୟ ସମସ୍ତ ପ୍ରକାର ବନ୍ୟପ୍ରାଣୀ ରହିଛନ୍ତି । ଅଭୟାରଣ୍ୟ ଭିତରେ ଥିବା ୱାଚ ଟାୱାରରୁ ପର୍ଯ୍ୟଟକ ଦେଖିବା ସହ ବଡ଼ ରମା ଫରେଷ୍ଟ ରେଞ୍ଜ ଅଫିସରଙ୍କଠାରୁ ଭିତରକୁ ଯିବା ପାଇଁ ଅନୁମତି ମିଳିଥାଏ । ଅକ୍ଟୋବରରୁ ଏପ୍ରିଲ ମାସ ମଧ୍ୟରେ ଏହି ଅଭୟାରଣ୍ୟକୁ ଯିବା ପାଇଁ ଶ୍ରେଷ୍ଠ ସମୟ । ଯାନବାହାନ ଓ କ୍ୟାମେରା ସକାଶେ ସ୍ୱତନ୍ତ୍ରଦେୟ ଦେବାକୁ ହୋଇଥାଏ ।

ହୁମା ବକ୍ର ମନ୍ଦିର :

ସମ୍ବଲପୁରରୁ ୩୨ କିଲୋମିଟର ଦୂର ହୁମାଠାରେ ରହିଛି ପ୍ରସିଦ୍ଧ ବକ୍ର ମନ୍ଦିର । ମହାଦେବବାବାଙ୍କ ଏହି ମନ୍ଦିର ମହାନଦୀ ତଟ ଦେଶରେ ରହିଥିବାବେଳେ ଏଠାରେ 'କୁଢ଼ୋ' ମାଛ ରହିଛନ୍ତି । କୁଢ଼ୋ ମାଛକୁ ଭଗବାନଙ୍କ ପ୍ରତୀକ ରୂପେ ସେମାନଙ୍କୁ ଖାଦ୍ୟ ଦେଲେ ପୁଣ୍ୟ ହୁଏ ବୋଲି ବିଶ୍ୱାସ ରହିଛି । ସମ୍ବଲପୁରରୁ ଏଠାକୁ ନିୟମିତ ସିଟି ବସ ସୁବିଧା ରହିଛି ।

ଘଣ୍ଟେଶ୍ୱରୀ ପୀଠ

ସମ୍ବଲପୁରରୁ ପ୍ରାୟ ୩୫ କିଲୋମିଟର ଦୂରରେ ରହିଛି ଦେବୀ ଘଣ୍ଟେଶ୍ୱରୀଙ୍କ ପୀଠ । ହୀରାକୁଦ ଶକ୍ତି ଉତ୍ପାଦନ କେନ୍ଦ୍ରର ଦ୍ୱିତୀୟ ପର୍ଯ୍ୟାୟ ଥିବା ଚିପିଲିମାର ଏହି ଦେବୀଙ୍କଠାରେ ଘଣ୍ଟା ଲାଗି କଲେ ମନୋସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି । ଏଠାକୁ ନିୟମିତ ସିଟି ବସ ସୁବିଧା ରହିଛି ।

ଡେବ୍ରିଗଡ଼ ଅଭୟାରଣ୍ୟ

ହୀରାକୁଦ ଡ୍ୟାମ ଅଞ୍ଚଳରେ ଥିବା ଡେବ୍ରିଗଡ଼ ଅଭୟାରଣ୍ୟ ୩୫୩ ବର୍ଗ କିଲୋମିଟର ପରିସୀମାରେ ରହିଛି । ଏହାର ରାଜସ୍ୱ ଜିଲ୍ଲା ବରଗଡ଼ ହୋଇଥିବା ବେଳେ ସମ୍ବଲପୁରରୁ ଏହା ପ୍ରାୟ ୪୦ କିଲୋମିଟର ଦୂର । ସେଠାରେ ପ୍ରାୟ ସମସ୍ତ ପ୍ରକାର ବନ୍ୟପ୍ରାଣୀ ରହିଛନ୍ତି । ରାତ୍ରି ରହଣି ସକାଶେ ଏଠାରେ ଓଟିଡିସି କଟେଜ ବ୍ୟବସ୍ଥା ମଧ୍ୟ ରହିଛି ।

ବୁର୍ଲା ପ୍ଲାନେଟୋରିଅମ

ସମ୍ବଲପୁରରୁ ମାତ୍ର ୧୨ କିଲୋମିଟର ଦୂର ବୁର୍ଲା ସହରରେ ରହିଛି ଓଡ଼ିଶାର ଦ୍ୱିତୀୟ ପ୍ଲାନେଟୋରିଅମ । ପୂର୍ବତନ ରାଷ୍ଟ୍ରପତି ତଥା ବିଶିଷ୍ଟ ବୈଜ୍ଞାନିକ ଡ. ଏପିଜେ ଅବଦୁଲ କଲାମଙ୍କ ନାମରେ ଏହା ନାମିତ ହୋଇଛି । ଏହା ସହିତ ରହିଛି ସାଇନ୍ସ ଇଭୋଲ୍ୟୁସନ ପାର୍କ ।



ଗୁଦଗୁଦା ଜଳପ୍ରପାତ

ସମ୍ବଲପୁରରୁ ପ୍ରାୟ ୧୧୭ କିଲୋମିଟର ଦୂର କୁଚିଣ୍ଡା ଉପଖଣ୍ଡରେ ରହିଛି ଗୁଦଗୁଦା ଜଳପ୍ରପାତ । ଏହି ବଣ ଜଙ୍ଗଲଘେରା ପ୍ରାକୃତିକ ଜଳପ୍ରପାତ ଦେଖିବାକୁ ବର୍ଷର ସବୁ ସମୟରେ ପର୍ଯ୍ୟଟକ ଯାଉଥିଲେ ହେଁ ଡିସେମ୍ବର ଜାନୁଆରୀ ମାସରେ ପିକନିକ ଦଳ ଭିଡ଼ ଜମେଇଥାନ୍ତି । ସମ୍ବଲପୁରରୁ କୁଚିଣ୍ଡା ଦେଇ କୁସୁମୀ ପର୍ଯ୍ୟନ୍ତ ବସ ସେବା ରହିଥିବା ବେଳେ ପରବର୍ତ୍ତୀ ୧୦କିଲୋମିଟର ଅନ୍ୟ ଯାନବାହାନ ଯୋଗେ ଯିବାକୁ ପଡ଼ିଥାଏ ।

ଟିକା ନେବା ପରେ ଖା'ନ୍ତୁ ଏହି ସବୁ ଖାଦ୍ୟ



ଚାରିଆଡେ ସୁନାମି ଭଳି ମାଡି ଚାଲିଛି ମହାମାରୀ । କୋରନାର ଦ୍ୱିତୀୟ ଲହର ଠାରୁ ବଂଚିବା ପାଇଁ ଦେଶରେ ଟିକା କରଣ ଜାରି ରହିଛି । ତେବେ ଟିକା ନେବା ପରେ ଅନେକ ବ୍ୟକ୍ତିଙ୍କ ଠାରେ ଜ୍ୱର, ମୁଣ୍ଡବିନ୍ଧା, ଦେହ ହାତ ଯନ୍ତ୍ରଣା ତଥା ଥକାପଣ ଭଳି ପାର୍ଶ୍ୱପ୍ରତିକ୍ରିୟା ଦେଖିବାକୁ ମିଳୁଛି । ଏହି ସବୁ ପାର୍ଶ୍ୱପ୍ରତିକ୍ରିୟାକୁ ନିଜ ଖାଦ୍ୟ ଏବଂ ଦିନଚର୍ଯ୍ୟା ଉପରେ ଧ୍ୟାନ ଦେଇ କମ୍ କରାଯାଇପାରିବ ବୋଲି ଡାକ୍ତରମାନେ କହିଛନ୍ତି । ତେବେ ଟିକା ନେବା ପରେ କେଉଁ ସବୁ ଖାଦ୍ୟ ଖାଇଲେ ଇମ୍ୟୁନିଟି ମଜଭୁତ ହେବା ସହ ଟିକାର ସାଇଡିଫିକେ କମ୍ ହେବ ଆସନ୍ତୁ ଜାଣିବା ।

ପିଆଜି ଓ ରସୁଣ : ଉଭୟ ପିଆଜ ଏବଂ ରସୁଣ ଭଲ ଇମ୍ୟୁନିଟି ବୁଷ୍ଟର ଭାବେ କାମ କରେ । ଟିକା ନେବା ପରେ ଖାଦ୍ୟରେ ପିଆଜ ଓ ରସୁଣ ବ୍ୟବହାର କରନ୍ତୁ । କଞ୍ଚା ରସୁଣରେ ମାଙ୍ଗାନିଜ୍, ଭିଟାମିନ୍ ବି୬, ଫାଇବର, ସେଲେନିୟମ୍, ଭିଟାମିନ୍ ସି ଏବଂ କିଛି ପରିମାଣର କ୍ୟାଲସିୟମ୍, କପର, ପୋଟାସିୟମ୍, ଆଇରନ୍ ଏବଂ ଫସଫରସ୍ ଥାଏ । ଏଥିରେ ଅଧିକ ପରିମାଣର ଆଣ୍ଟିଅକ୍ସିଡାଣ୍ଟ ଥାଏ । ଏଥି ସହିତ ପିଆଜରେ ଭିଟାମିନ୍ ସି ପ୍ରଚୁର ମାତ୍ରାରେ ମିଳିଥାଏ ।

ଫଳ : ଟିକା ନେବା ପରେ ପ୍ରଚୁର ମାତ୍ରାରେ ଫଳ ଖା'ନ୍ତୁ । ଯେଉଁ ଫଳରେ ପାଣିର ପରିମାଣ ଅଧିକ ରହିଛି ସେହି ଫଳ ଖାଇବା ଉଚିତ । ଏହା ଟିକାର ପାର୍ଶ୍ୱପ୍ରତିକ୍ରିୟା କମ୍ କରିବାରେ ସହାୟକ ହୁଏ । ତରଭୁଜ, ଖରଭୁଜ, ଡାଳିମ୍ବ, ଆମ୍ବ, କଦଳୀ, ସାପେଟା, ଜାମୁନ ଆଦି ଖାଇବା ଉଚିତ । ଏହା ଆମ ଶରୀରକୁ ହାଇଡ୍ରେଟ୍ ରଖିବାରେ ସହାୟ୍ୟ କରେ । ଏଥିସହ ଏହା ଇମ୍ୟୁନିଟି ମଧ୍ୟ ବଢ଼ାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ ଅନୁସାରେ ଟିକା ନେବା ପୂର୍ବରୁ ଏବଂ ପରେ ଶରୀରକୁ ହାଇଡ୍ରେଟ୍ ରଖିବା ନିହାତି ଜରୁରୀ ।

ସବୁଜ ପନିପରିବା : ଯେକୌଣସି ବି ଗମ୍ଭୀର ପାର୍ଶ୍ୱର୍ ପ୍ରତିକ୍ରିୟା ଠାରୁ ଦୂରେଇ ରହିବା ପାଇଁ ସନ୍ତୁଳିତ ଖାଦ୍ୟ ଖାଇବା ଜରୁରୀ । ସବୁଜ ପନିପରିବା ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ ଏବଂ ଏଥିରେ ପ୍ରଚୁର ମାତ୍ରାରେ ପୁଷ୍ଟିକର ତତ୍ତ୍ୱ ଥାଏ । ଯଦି ଆପଣ ଟିକା ନେଇଛନ୍ତି ତେବେ ନିଜ ଖାଦ୍ୟରେ ସବୁଜ ପନିପରିବା ସାମିଲ କରନ୍ତୁ । ଆପଣ ଚାହିଁଲେ ସବୁଜ ପନିପରିବାକୁ ରୋଷେଇ କରି ଅବା ସାଲାଡ ରୂପେ ମଧ୍ୟ ଖାଇପାରିବେ ।

ହଳଦୀ : ହଳଦୀକୁ ପ୍ରାକୃତିକ ଇମ୍ୟୁନିଟି ବୁଷ୍ଟର ବୋଲି ବିଶ୍ୱାସ କରାଯାଏ । ଏହା ଅବସାଦ ଦୂର କରିବାରେ ସହାୟକ ହୁଏ । ଏଥିସହ ହଜମ ଶକ୍ତି ଏବଂ ଦେହ ହାତ ଯନ୍ତ୍ରଣା ମଧ୍ୟ ଦୂର କରେ ହଳଦୀ । ତେଣୁ ଆପଣ ଦିନରେ ଥରେ କିମ୍ବା ଦୁଇଥର କାଢ଼ାରେ ହଳଦୀ ପକାଇ ପିଇପାରିବେ । ଏଥିସହ ରାତିରେ ଶୋଇବା ପୂର୍ବରୁ କ୍ଷୀରରେ ହଳଦୀ ପକାଇ ପିଇବା ଉଚିତ ।

ପାଣି : ଟିକା ନେବା ପରେ ସବୁଠାରୁ ଜରୁରୀ ହେଲା ଶରୀରକୁ ହାଇଡ୍ରେଟ ରଖିବା । ଏହାଦ୍ୱାରା ଆପଣଙ୍କ ଶରୀର ଆକ୍ଟିଭ ରୁହେ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମୁତାବକ ଟିକା ନେବାର ଦିନକ ପୂର୍ବରୁ ପ୍ରଚୁର ମାତ୍ରାରେ ପାଣି ପିଇବା ଉଚିତ । ତେବେ ଥଣ୍ଡା ନୁହେଁ ଉଷୁମ ପାଣି ପଇବା ଉଚିତ । ପାଣି ବ୍ୟତୀତ ଆପଣ ଚାହିଁଲେ ସୁପ୍, ହର୍ବାଲ ଚା', କାଢ଼ା, ଜୁସ୍ ବା ମିଲ୍କ ସେକ୍ ଆଦି ପିଇପାରିବେ ।

ଫାଇବର ଯୁକ୍ତ ଖାଦ୍ୟ : ଟିକା ନେବା ପରେ ଫାଇବରରେ ଭରପୁର ଖାଦ୍ୟ ଖାଇବା ଉଚିତ । ଏହା ଟିକାର ସାଇଡ ଇଫେକ୍ଟ କମ କରିବାରେ ସହାୟକ ହୁଏ । ଏଥିସହ ଇମ୍ୟୁନିଟି ମଧ୍ୟ ବଢ଼ାଏ । ତେଣୁ ଆପଣ ବ୍ରାଉନ ରାଇସ, ମକା, ବାଜରା, ମାଣ୍ଡି, ଓଟସ୍, ବୁଟ, ସତୁ ଆଦି ନିଜ ଡାଏଟ ସାମିଲ କରନ୍ତୁ ।

ଲଙ୍ଗ୍ ସ୍ରଗ୍ ଟ୍ରେଣ୍ଡ୍

ଲଙ୍ଗ୍ ସ୍ରଗ୍ ଟ୍ରେଣ୍ଡ୍‌ରେ ରହିଛି । ଏଥନିକ୍ ଏବଂ କାଜୁଆଲ୍ ଉଭୟ ଆଉଟଫିଟ୍ ସହିତ ଲଙ୍ଗ୍ ସ୍ରଗ୍ ପିନ୍ଧିପାରିବେ । ଏଥିରେ ଏକ ଫ୍ୟୁଜନ କମ୍ବିନେସନ ମଧ୍ୟ ବନେଇ ପାରିବେ । କଲରଫୁଲ, ଫ୍ଲେନ୍, ଫ୍ଲୋରାଲ ଏବଂ ଡବଲ ସାଇଡେଡ୍ ସ୍ରଗ୍ ଖୁବ୍ ଷ୍ଟାଇଲିଶ୍ ଲାଗିଥାଏ ।

ସିଜନ୍ ଅନୁସାରେ ଷ୍ଟାଇଲ ବନାନ୍ତୁ :

ଏବେ ବଲିଉଡ୍ ଅଭିନେତ୍ରୀମାନେ ବଡିକନ୍ ଡ୍ରେସ୍, ସର୍ଟସ୍ ଏବଂ ଟୁ ପିସ୍ ଉପରେ ଲଙ୍ଗ୍ ସ୍ରଗ୍ ପିନ୍ଧିବାର ନଜର ଆସୁଛନ୍ତି । ଜିନ୍ସ, ସ୍କର୍ଟ, ମ୍ୟାକ୍ସି ଡ୍ରେସ୍, ଗାଇନ୍, କୁର୍ତ୍ତା ଏବଂ ସର୍ଟସ୍ ସହିତ ଲଙ୍ଗ୍ ସ୍ରଗ୍ ଭଲ ମାନିଥାଏ । ଏହାର ସ୍ଲିଭଲେସ୍ ଏବଂ ଫୁଲ କିମ୍ବା ଥ୍ରି ଫୋର୍ଥ ସ୍ଲିଭସ୍ ପରି ଅନେକ ଭେରାଇଟି ମିଳୁଛି । ତେବେ ହେଭି, ବୋଲ୍ଡ ଏବଂ ଲାଇଟ୍ ଫ୍ରିଣ୍ଜ ଲଙ୍ଗ୍ ସ୍ରଗ୍‌କୁ ସବୁ ସିଜନ୍ ଅନୁସାରେ ଡ୍ରେସ୍ ସହିତ ଷ୍ଟାଇଲ୍ କରିପାରିବେ ।

ଦିଅନ୍ତୁ ଷ୍ଟାଇଲିଶ୍ ଟଚ୍ :

♦ ଇଣ୍ଡୋ- ୱେଷ୍ଟର୍ଣ୍ଣ ଲୁକ୍ ପାଇଁ ମ୍ୟାକ୍ସି ଡ୍ରେସ୍ ବା କୁର୍ତ୍ତା ସହିତ ଟିମ୍ ଅପ୍ କରିପାରିବେ ଲଙ୍ଗ୍ ସ୍ରଗ୍ । ଏଥିରେ ଆପଣ ପରଫେକ୍ଟ ଫ୍ୟୁଜନ୍ ଲୁକ୍ ପାଇପାରିବେ । କ୍ରପ୍ ଟପ୍ ଏବଂ ସ୍କର୍ଟ ସହିତ ପିନ୍ଧନ୍ତୁ । ପାଲାଜୋ ପିନ୍ଧୁଥିଲେ ହାଇ-ଲୋ କିମ୍ବା ଫ୍ରଣ୍ଟ ଓପନ୍ ଲଙ୍ଗ୍ ସ୍ରଗ୍ ଲେୟାରିଙ୍ଗ୍ ଭଲ ଅପସନ୍ ହେବ ।

♦ ପାର୍ଟିରେ ସ୍ଲିମ୍ ସର୍ଟ ଡ୍ରେସ୍ ପିନ୍ଧିବାକୁ ଚାହୁଁଥିଲେ, ଲଙ୍ଗ୍ ସ୍ରଗ୍ କାମରେ ଆସିଥାଏ । ସେହିପରି ହଟ୍ ପ୍ୟାଣ୍ଟ, ସର୍ଟ ସ୍କର୍ଟ ସହିତ ମଧ୍ୟ ପେୟାର କରିପାରିବେ ।

♦ ବଡିକନ୍ ଡ୍ରେସ୍, ଟି ସାର୍ଟ, ସର୍ଟସ୍ ଏବଂ ଜମ୍ପସୁଟ୍‌ରେ ଲଙ୍ଗ୍ ସ୍ରଗ୍ ଟ୍ରାଏ କରନ୍ତୁ । ଯଦି ଆପଣଙ୍କ ଉଚ୍ଚତା ଛୋଟ ତା'ହେଲେ ଚିନ୍ତା କରିବାର ନାହିଁ, ସର୍ଟସ୍ ସହିତ ଏହାକୁ ପିନ୍ଧିପାରିବେ । ତା' ସହିତ ହାଇ ହିଲ୍ ପିନ୍ଧିବାକୁ ଭୁଲିବେ ନାହିଁ । ହେୟାର ଷ୍ଟାଇଲରେ ଅପର ବନ୍ ବନାନ୍ତୁ । ଏଥିରେ ଆପଣ ଲମ୍ବା ଦେଖାଯିବେ ।

♦ କାଜୁଆଲ ଲୁକ୍ ପାଇଁ ସର୍ଟସ୍ ସହିତ ଲଙ୍ଗ୍ ସ୍ରଗ୍ ଟିମ୍ ଅପ୍ କରନ୍ତୁ । ଏହାକୁ ଆପଣ ବିଚ୍ ୱିୟର ରୂପେ ମଧ୍ୟ ପିନ୍ଧିପାରିବେ । ସେମି ଫର୍ମାଲ୍ ଲୁକ୍ ପାଇଁ ଜିନ୍ସ ଏବଂ କୁର୍ତ୍ତା ସହିତ ପିନ୍ଧିପାରିବେ । ସାଲୱାର କମିଜ ଏବଂ ଗାଉନରେର ଲଙ୍ଗ୍ ଫ୍ଲାଟ୍ କଲର୍ଡ ସ୍ରଗ୍‌ର କମ୍ବିନେସନ ସ୍ୱତନ୍ତ୍ର ଅବସରରେ କ୍ଲାସି ଲୁକ୍ ଦେଇଥାଏ ।

♦ ଏହା ସହିତ ଲଙ୍ଗ୍ ଚେନ୍ ପେଣ୍ଡେଣ୍ଟ୍ ଭଲ ମାନିଥାଏ । ଯଦି ବଡିକନ୍ ଡ୍ରେସ୍ ସହିତ ଲଙ୍ଗ୍ ସ୍ରଗ୍ ପିନ୍ଧୁଛନ୍ତି, ଚୋକର କିମ୍ବା ଟ୍ରାଇବାଲ ଜୁଏଲାରୀ କ୍ୟାରି କରନ୍ତୁ । ସର୍ଟସ୍ ଏବଂ ଅଫ୍ ସୋଲ୍ଡର ଟପ୍‌ରେ ଚୋକର ଏବଂ ନେକପିସ୍ ସୁନ୍ଦର ଲାଗିଥାଏ । ଚାହିଁଲେ କେବଳ ଷ୍ଟାଇଲ ଷ୍ଟେଟମେଣ୍ଟ ଇଅରରିଙ୍ଗ୍ ମଧ୍ୟ ପିନ୍ଧିପାରିବେ ।

♦ ପାର୍ଟି ଏବଂ ଆଉଟିଙ୍ଗରେ ବ୍ରାଇଟ୍ କଲର୍‌ର ସ୍ରଗ୍ ନିଅନ୍ତୁ । ଅରେଞ୍ଜ ସେଡ୍ ଟ୍ରେଣ୍ଡ୍‌ରେ ରହିଛି । ପ୍ରିଣ୍ଟେଡ୍ ଏବଂ ଚେକ୍ସ ସ୍ରଗ୍ ପିନ୍ଧିପାରିବେ । ନାଇଟ୍ ପାର୍ଟି ପାଇଁ ମେଟାଲିକ୍ କଲର ଭଲ ମାନିଥାଏ ।

ଏହି ସାତଟି କାରଣ ପାଇଁ ହୋଇଥାଏ ଡାର୍କ ସର୍କଲ୍

ଭୁବନେଶ୍ୱର ସାଧାରଣତଃ ଆଖିତଳ ତ୍ୱଚା କୋମଳ ହୋଇଥିବାରୁ କିଛି ଲୋକଙ୍କର ଏଥିରେ କଳାଦାଗ ବା ଡାର୍କ ସର୍କଲ ସମସ୍ୟା ଦେଖାଦେଇଥାଏ । ତେଣୁ ଡାର୍କ ସର୍କଲରୁ ରକ୍ଷା ପାଇବା ପାଇଁ ଆପଣ ବଜାରରେ ଉପଲବ୍ଧ ହେଉଥିବା ବିଭିନ୍ନ କ୍ରୀମ୍, ଘରୋଇ ଉପଚାର ଓ ଅଣ୍ଡର ଆଇ କ୍ରୀମ୍ ବ୍ୟବହାର କରିଥା'ନ୍ତି । ଏଥିପାଇଁ ବିଭିନ୍ନ ପ୍ରକାର ମେଡିସିନ୍ ନଖାଇ ପ୍ରଥମେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଡାର୍କ ସର୍କଲ ହେବାର ମୂଳ କାରଣ ଜାଣିବା ନିହାତି ଆବଶ୍ୟକ । ତା'ହେଲେ ଆସନ୍ତୁ ଜାଣିବା ଏହି ଡାର୍କ ସର୍କଲ କାହିଁକି ହୋଇଥାଏ ଏବଂ ଏଥିରୁ ରକ୍ଷା ପାଇବା ପାଇଁ କେଉଁସବୁ ଉପାୟ ଆପଣାଇବା ଉଚିତ ।

୧. ବୟସ ବଢ଼ିବା ସହିତ ଆଖିତଳର ଚର୍ମ କଳା ପଡ଼ିବାକୁ ଲାଗିଥାଏ । ଏଥିପାଇଁ ନିୟମିତ ଭାବରେ ଭଲ ସନସ୍କ୍ରିନ୍ ଲୋଶନ ବ୍ୟବହାର କରନ୍ତୁ ।

୨. ପୋଷଣ ଅଭାବରୁ ମଧ୍ୟ ଡାର୍କ ସର୍କଲ ହୋଇଥାଏ । ଶରୀରରେ ଆଇରନ୍‌ର ଅଭାବ ଥିଲେ ଏହାର ଯାଞ୍ଚ କରନ୍ତୁ ଏବଂ ଆଇରନଯୁକ୍ତ ଖାଦ୍ୟ ଖାଆନ୍ତୁ । ଡିହାଇଡ୍ରେସନ କାରଣରୁ ମଧ୍ୟ ଡାର୍କ ସର୍କଲ୍ ସମସ୍ୟା ଦେଖାଦେଇଥାଏ ।

୩. ଥାଇରଏଡ୍ ସମସ୍ୟା ଥିଲେ ଆଖିତଳେ କଳାଦାଗ ଦେଖାଦେଇଥାଏ । ଏଥିପାଇଁ ଉଚିତ ସମୟରେ ଏହାର ଚିକିତ୍ସା କରାଇନିଅନ୍ତୁ ।

୪. ଆଲର୍ଜି ବା ଔଷଧ ଯୋଗୁଁ ମଧ୍ୟ ଡାର୍କ ସର୍କଲ ହୋଇଥାଏ । ଉଚ୍ଚ ରକ୍ତଚାପ, ମଧୁମେହ ଓ ହାର୍ଟ ରୋଗୀ ଅଧିକ ମାତ୍ରାରେ ମେଡିସିନ୍ ଖାଇଥା'ନ୍ତି । ଡାର୍କ ସର୍କଲ ଏହାର ସାଇଡ୍ ଇଫେକ୍ଟ ଭାବରେ ଦେଖାଦେଇଥାଏ ।

୫. ଡାର୍କ ସର୍କଲକୁ ଭଲ କରିବା ପାଇଁ ଓଜନ କମାଇବା ପାଇଁ ଚେଷ୍ଟା କରନ୍ତୁ ନାହିଁ । ଏଥିପାଇଁ ପୋଷ୍ଟିକ ଖାଦ୍ୟ ଖାଆନ୍ତୁ ଏବଂ ସ୍ୱାସ୍ଥ୍ୟ ସହିତ ତ୍ୱଚାର ଯତ୍ନ ନିଅନ୍ତୁ ।

୬. ନିଦ ନହେବା ଯୋଗୁଁ ଆଖିତଳେ ଡାର୍କ ସର୍କଲ ଦେଖାଦେଇଥାଏ । ତେଣୁ ଆବଶ୍ୟକ ପରିମାଣରେ ଶୋଇବା ପାଇଁ ଚେଷ୍ଟା କରନ୍ତୁ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ବାତ୍ୟାର ଆକଳନ...

ଗୋଟିକ ପରେ ଗୋଟିଏ ବିପଦର ସମ୍ମୁଖୀନ ହେବାକୁ ପଡୁଛି । ଜାତୀୟ ଓ କ୍ଷେତ୍ରୀୟ ସ୍ତରରେ କରୋନା ମହାମାରୀ ସମସ୍ତଙ୍କୁ କଲବଲ କରି ମାରି ପକାଉଥିବା ଭିତରେ ଅଳ୍ପଦିନ ବ୍ୟବଧାନରେ ଦୁଇ ଦୁଇଟି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ଦେଶ ତଥା ରାଜ୍ୟବାସୀ କଠିନ ପରୀକ୍ଷା ଦେଇଛନ୍ତି । ଆରବ ସାଗରରେ ତାଉତ୍‌କତେ ସାମୁଦ୍ରିକ ଝଡ଼ ଗୁଜରାଟ, ମହାରାଷ୍ଟ୍ର ଓ ମଧପ୍ରଦେଶରେ ଅସୁମାରୀ ଧନଜୀବନ ନଷ୍ଟ କରିଦେବାର ଦିନ କେଇଟା ନଯାଉଣୁ ବଙ୍ଗୋପସାଗରରେ ଉଠିଲା ପ୍ରଳୟଙ୍କାରୀ 'ୟାସ୍' । ଆମ ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରବଳ ପବନ ଓ ବର୍ଷା ହେବା ଫଳରେ ବ୍ୟାପକ କ୍ଷତି ଘଟାଇ 'ୟାସ୍' ଝାଡ଼ଖଣ୍ଡମୁହାଁ ହେବା ସାଙ୍ଗକୁ ପଶ୍ଚିମବଙ୍ଗର କେତେକ ଜିଲ୍ଲାରେ କ୍ଷତି ଘଟାଇଛି । ବାଲେଶ୍ୱର ଓ ଭଦ୍ରକରେ ପ୍ରବଳ ବର୍ଷା ଓ ବାତ୍ୟାଜନିତ କ୍ଷୟକ୍ଷତି ନେଇ ସରକାରଙ୍କ ନିର୍ଦ୍ଦେଶକ୍ରମେ ଆକଳନ ଚୂଡ଼ାନ୍ତ ହୋଇଛି । ୟାସ୍‌ର ଭୟାବହତା ନେଇ ପୂର୍ବାନୁମାନ ଆଧାରରେ ରାଜ୍ୟ ସରକାର ଆଶାତୀତ ତତ୍ପରତା ପ୍ରଦର୍ଶନ କରିଥିବା ହେତୁ ପ୍ରାଣହାନି ଓ କ୍ଷୟକ୍ଷତିକୁ ପ୍ରାୟ ଶତପ୍ରତିଶତ ସୀମିତ ରଖାଯାଇ ପାରିଛି ବୋଲି କୁହାଯାଇପାରେ । ପୂର୍ବ ପ୍ରସ୍ତୁତିର ଅଂଶସ୍ୱରୂପ ଏନ୍‌ଡିଆର୍‌ଏଫ, ଓଡ୍ରାଫ ତଥା ଅଗ୍ନିଶମ ବାହିନୀ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ କିଭଳି ଦୃଢ଼ତା ସହକାରେ ସ୍ଥିତିର ମୁକାବିଲା କରାଯାଇପାରେ, ତାହାର ଜ୍ୱଳନ୍ତ ପ୍ରମାଣ ଆଉ ଥରେ ଓଡ଼ିଶା ରଖିଛି । ୟାସ୍ ନେଇ ପୂର୍ବ ଆକଳନ ସୂଚିତ ହେବା ପରଠାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବଥରଗୁଡ଼ିକ ଭଳି 'ଜିରୋ କାଜୁଆଲିଟି' ମନ୍ତ୍ର ଶୁଣାଇଦେଲେ । ତଳରୁ ଉପର ପର୍ଯ୍ୟନ୍ତ ପ୍ରଶାସନର ସମସ୍ତ ଶାଖା ସମ୍ଭାବ୍ୟ ପରିସ୍ଥିତି ପାଇଁ କେବଳ ସଜାଗ ହୋଇଉଠିଲେ ତାହା ନୁହେଁ, ଦିନ-ରାତିକୁ ଏକାକାର କରିଦେଲେ । ଦୁର୍ବଳ ନଦୀବନ୍ଧ ଉପରେ ରଖାଗଲା ସତର୍କ ଦୃଷ୍ଟି, ବାତ୍ୟା କିମ୍ବା ବନ୍ୟା ଆସିବା ପୂର୍ବରୁ ପାଞ୍ଚରୁ ଅଧିକ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯିବା ପ୍ରକ୍ରିୟା ଚୂଡ଼ାନ୍ତ ହୋଇସାରିଥିଲା । ୟାସ୍‌ଜନିତ କ୍ଷୟକ୍ଷତିର ଭରଣା ପାଇଁ ଏବେ ଚାଲିଛି ବ୍ୟାପକ କାର୍ଯ୍ୟ । ମୁଖ୍ୟମନ୍ତ୍ରୀ ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳର ଆକାଶମାର୍ଗ ଅନୁଧ୍ୟାନ ପରେ କ୍ଷତି ଆକଳନ ସପ୍ତାହକରେ ସାରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ପୁନରୁଦ୍ଧାର କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରାଥମିକ ଆକଳନରୁ ରାଜ୍ୟର ଦୁଇ ତିନୋଟି ଜିଲ୍ଲାର ୬୨ଟି ବ୍ଲକ୍‌ରେ ଅପେକ୍ଷାକୃତ ଅଧିକ କ୍ଷତି ହୋଇଛି । ବିଭିନ୍ନ ଜିଲ୍ଲା ପ୍ରଶାସକ ଏବଂ କେନ୍ଦ୍ର ତଥା ରାଜ୍ୟ ଅଧିକାରୀମାନଙ୍କର କାର୍ଯ୍ୟର ଉଚ୍ଚପ୍ରଶଂସା କରିଛନ୍ତି ମୁଖ୍ୟମନ୍ତ୍ରୀ । କେନ୍ଦ୍ର ସରକାର 'ୟାସ୍'ର ଗତିବିଧି ସମ୍ପର୍କରେ ତୀକ୍ଷ୍ଣ ଦୃଷ୍ଟି ରଖି ଯଥୋଚିତ ପଦକ୍ଷେପ ଗ୍ରହଣ ପାଇଁ ରାଜ୍ୟ ସରକାର ସହ ସମ୍ପର୍କରେ ଥିଲେ । ସ୍ୱରାଷ୍ଟ୍ର ମନ୍ତ୍ରୀ ଓଡ଼ିଶା ଓ ପଶ୍ଚିମବଙ୍ଗ ପ୍ରଶାସନ ସହ ସ୍ଥିତି ନେଇ ଖବର ରଖୁଥିଲେ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ସରକାରଙ୍କ ସହ ସମ୍ପର୍କ ରଖି ସବୁ ପ୍ରକାର ସହଯୋଗର ପ୍ରତିଶ୍ରୁତି ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର କ୍ଷତିଗ୍ରସ୍ତ ଇଲାକାର ଆକାଶମାର୍ଗରୁ ଅନୁଧ୍ୟାନ କରିବା ପୂର୍ବରୁ ଭୁବନେଶ୍ୱରରେ ବୈଠକ କରି ସର୍ବଶେଷ ସ୍ଥିତିର ସମୀକ୍ଷା କରିଛନ୍ତି । ଅତୀତର ବିପର୍ଯ୍ୟୟ ମୁକାବିଲା ଅଭିଜ୍ଞତା ରାଜ୍ୟ ସରକାରଙ୍କ ଦାୟିତ୍ୱ ପାଳନରେ ଅଧିକ ସହାୟକ ହୋଇଛି । ମାତ୍ର କୋଭିଡ୍ ସଂକ୍ରମଣ ଶୀର୍ଷରେ ଥିବା ସମୟରେ 'ୟାସ୍'ର ପ୍ରକୋପଜନିତ ସଙ୍କଟର ସମ୍ମୁଖୀନ ହେବା ରାଜ୍ୟ ସରକାରଙ୍କ ପକ୍ଷେ ମସ୍ତବଡ଼ ଚାଲେଞ୍ଜ ଆଣି ଦେଇଥିଲା । କେବଳ ଜିରୋ କାଜୁଆଲିଟି ସୂତ୍ର ନୁହେଁ, କ୍ଷତିର ବ୍ୟାପକତାକୁ ସର୍ବନିମ୍ନ ସ୍ତରରେ ରଖାଯିବା ଉଦ୍ୟମ ବସ୍ତୁନିଷ୍ଠ ତଥା ସଂଯୋଜନିତ ପ୍ରୟାସ ପାଇଁ ସମ୍ଭବ ହୋଇପାରିଛି ବୋଲି ସମସ୍ତେ ଓଡ଼ିଶା ପାଇଁ ପ୍ରଶଂସାରେ ଶତମୁଖ ହୋଇଛନ୍ତି । କେବଳ ଏଥର ନୁହଁ, ପୂର୍ବରୁ ବହୁ ଥର ରାଜ୍ୟର ଯେତେବେଳେ ବିପଦ ଆସିଛି, ସେଗୁଡ଼ିକର ଶୃଙ୍ଖଳିତ ପରିଚାଳନା ପାଇଁ ବିଶ୍ୱ ସଂସ୍ଥା ଓ କେନ୍ଦ୍ର ସରକାର ଓଡ଼ିଶାକୁ 'ରୋଲ୍ ମଡେଲ୍' ଭାବେ ଗ୍ରହଣ କରାଯିବାର ଅଛି ବୋଲି ଦର୍ଶାଇଛନ୍ତି । ରାଜ୍ୟ ନେତୃତ୍ୱ ଓ ଜନସାଧାରଣଙ୍କ ସଂଯତ କାର୍ଯ୍ୟବିଧି ନେଇ ଯେଉ ପ୍ରଶଂସା ବାଣୀ ମିଳିଛି, ତାହାର ଶ୍ରେୟ ସମସ୍ତ ରାଜ୍ୟବାସୀଙ୍କର । ୟାସ୍ ପରବର୍ତ୍ତୀ ସ୍ଥିତିର ମୁକାବିଲା କ୍ଷେତ୍ରରେ ତାହା ପୁନଃପ୍ରମାଣିତ ହେବାକୁ ଯାଉଛି ।

ସୌଭାଗ୍ୟ ରଂଜନ ମହାନ୍ତି

ଦୂରଦୃଷ୍ଟି ସମ୍ପନ୍ନ ଯୋଜନା

ଜୁଆର ଯୋଗୁଁ ଲକ୍ଷ ଲକ୍ଷ ହେକ୍ଟର ଚାଷ ଜମି ଲୁଣା ପାଣିରେ ବୁଡିଯାଇଥାଏ। ଫଳସ୍ୱରୂପ ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଥାଏ। ପ୍ରଧାନମନ୍ତ୍ରୀଙ୍କ ବାତ୍ୟା କ୍ଷୟକ୍ଷତି ବୈଠକରେ ଏହି ଦୁଇଟି କ୍ଷୟକ୍ଷତିର ସ୍ଥାୟୀ ପ୍ରତିକାର ପାଇଁ ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି। ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକରେ ବିପର୍ଯ୍ୟାୟ ନିରୋଧୀ ବିଦ୍ୟୁତ ଭିତିଭୂମି ଓ ଉପକୂଳ ସୁରକ୍ଷା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।

ସାମୁଦ୍ରିକ ବାତ୍ୟା 'ୟାସ୍' କ୍ଷୟକ୍ଷତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ତତ୍କାଳ ଆର୍ଥୀକ ସହାୟତା ଦାବି କରିବା ପରିବର୍ତେ ବାତ୍ୟା ବିପର୍ଯ୍ୟାୟର ସ୍ଥାୟୀ ପ୍ରତିକାର ପାଇଁ କେନ୍ଦ୍ରୀୟ ସହାୟତା ଦାବି କରିବା ଏକ ଯଥାର୍ଥ ଏବଂ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ବୋଲି ନିସନ୍ଦେହରେ କୁହାଯାଇପାରିବ। ଏହା ସତ୍ୟ ଯେ, ବାତ୍ୟା, ବନ୍ୟା, ମରୁଡି ପରି ପ୍ରାକୃତିକ ବିପର୍ଯ୍ୟାୟ ଓଡ଼ିଶାର ଚୀର ସହଚର ପାଲଟି ଯାଇଛି। ଏଥିରେ କେହି ଦ୍ୱିମତ ହେବେ ନାହିଁ। ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଗତ ୫୦ ବର୍ଷ ମଧ୍ୟରେ ଓଡିଶା ପ୍ରାୟ ୨୦ଟି ସାମୁଦ୍ରିକ ବାତ୍ୟାର ସମ୍ମୁଖୀନ ହୋଇଛି। ସେଥିମଧ୍ୟରୁ ୧୯୭୧ ଅକ୍ଟୋବର ୩୦ରେ ଏବଂ ୧୯୯୯ ଅକ୍ଟୋବର ୨୯ରେ ହୋଇଥିବା ମହାବାତ୍ୟା ଅତି ଭୟଙ୍କର ଥିଲା। ୧୯୭୧ ମହାବାତ୍ୟାର ତାଣ୍ଡବ ଲୋକଙ୍କ ମନରୁ ପାଶୋରୀ ଯାଇଥିବାବେଳେ ୧୯୯୯ରୁ ଧ୍ୱଂସକାରୀ ତାଣ୍ଡବ ଓ କ୍ଷତ ଏବେ ବି ଲୋକଙ୍କ ମନରୁ ଲିଭି ନାହିଁ। ଏହି ଦୁଇ ମହାବାତ୍ୟାରେ ସମୁଦ୍ର କୂଳ ଲଂଘିବା ଯୋଗୁଁ ଲୋକଙ୍କୁ ମୃତ୍ୟୁ ମୁଖକୁ ଠେଲି ଦେଇଥିବା ବେଳେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ବାସଚ୍ୟୁତ କରିଦେଇଥିଲା। କୁହାଯାଏ ଯେ, ୧୫ ମିଟର ଉଚ୍ଚରେ ସମୁଦ୍ର ଜୁଆର ମାଡି ଆସିଥିଲା। ୧୯୭୧ର ମହାବାତ୍ୟା କେନ୍ଦ୍ରାପଡା ଜିଲ୍ଲାକୁ ଶ୍ରୀହୀନ କରିଦେଇଥିବା ବେଳେ ୧୯୯୯ର ମହାବାତ୍ୟା ଜଗତସିଂହପୁର ଜିଲ୍ଲା ସହ ରାଜ୍ୟର ୧୪ଟି ଜିଲ୍ଲାରେ ରଚିଥିଲା ତାଣ୍ଡବ। କେବଳ ସମୁଦ୍ର ଜୁଆର ନୁହେଁ ଝଡ ପବନ ଯୋଗୁଁ ବିଦ୍ୟୁତ୍ ଭିତିଭୂମି ଭୁଷୁଡି ପଡିଥିଲା। ସେହିପରି ଫାଇଲିନ୍, ଫନି ପରି ବାତ୍ୟା ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ସମେତ ରାଜ୍ୟର ବହୁ ଜିଲ୍ଲାର ବିଦ୍ୟୁତ ଭିତିଭୂମିକୁ ସଂପୂର୍ଣ୍ଣ ଉଜୁଡାଇ ଦେଇଥିଲା। ସେହିପରି ବାତ୍ୟା ସମୟରେ ସମୁଦ୍ର ଜୁଆର ୫ ରୁ ୬ ମିଟର ଉଚ୍ଚତାରେ ଆସିବା ଏକ ନିତିଦିନିଆ ଘଟଣାରେ ପରିଣତ ରହିଛି। ଜୁଆର ଯୋଗୁଁ ଲକ୍ଷ ଲକ୍ଷ ହେକ୍ଟର ଚାଷ ଜମି ଲୁଣା ପାଣିରେ ବୁଡିଯାଇଥାଏ। ଫଳସ୍ୱରୂପ ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଥାଏ। ପ୍ରଧାନମନ୍ତ୍ରୀଙ୍କ ବାତ୍ୟା କ୍ଷୟକ୍ଷତି ବୈଠକରେ ଏହି ଦୁଇଟି କ୍ଷୟକ୍ଷତିର ସ୍ଥାୟୀ ପ୍ରତିକାର ପାଇଁ ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି। ଉପକୂଳବର୍ତ୍ତୀ ଜିଲ୍ଲାଗୁଡିକରେ ବିପର୍ଯ୍ୟାୟ ନିରୋଧୀ ବିଦ୍ୟୁତ ଭିତିଭୂମି ଓ ଉପକୂଳ ସୁରକ୍ଷା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଉପକୂଳ ଜିଲ୍ଲାଗୁଡିକରେ ଅଣ୍ଡର ଗ୍ରାଉଣ୍ଡ(ଭୂମିତଳେ) ବିଦ୍ୟୁତ ସରବରାହ ବ୍ୟବସ୍ଥା ଏବଂ ୭୬ ମିଟର ଉଚ୍ଚତାର ସମୁଦ୍ର ଜୁଆରକୁ ରୋକିବା ପାଇଁ ଲୁଣା ବନ୍ଦ ନିର୍ମାଣ ପାଇଁ ଆର୍ଥୀକ ସହାୟତା ଦାବି କରିଛନ୍ତି। ଯାହାଦ୍ୱାରା ବିଦ୍ୟୁତ ସେବା ବ୍ୟାହତ ଏବଂ ଚାଷଜମି ଓ ଗ୍ରାମରେ ଲୁଣାପାଣି ପ୍ରବେଶକୁ ରୋକାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟର ଉପକୂଳରେ ସୁଦୀର୍ଘ ବେଳାଭୂମୀ ରହିଛି। ଓଡିଶା ଉପକୂଳର ଦୈର୍ଘ୍ୟ ୪୮୦ କିମି ରହିଛି। ଗଜପତିରୁ ଦିଘା ପର୍ଯ୍ୟନ୍ତ ଦୀର୍ଘ ୪୮୦ କିମି ଦୈର୍ଘ୍ୟ ସମୁଦ୍ର କୂଳରେ ଜୁଆର ନିରୋଧକ ଲୁଣାବନ୍ଧ ନିର୍ମାଣ ଏକ ଛୋଟିଆ ପ୍ରକଳ୍ପ ନୁହେଁ। କେନ୍ଦ୍ର ସରକାରଙ୍କ ବିନା ସହାୟତାରେ ଗୋଟିଏ ରାଜ୍ୟ ପାଇଁ ଏଭଳି ପ୍ରକଳ୍ପ ଆଦୌ ଚିନ୍ତା କରାଯାଇନପାରେ। ଓଡିଶାର ଉପକୂଳ ଅଂଚଳର ଲୋକଙ୍କୁ ବାତ୍ୟା ଦାଉରୁ ସୁରକ୍ଷିତ ରଖିବା ପାଇଁ ଏଭଳି ଯୋଜନା ସାଂପ୍ରତିକ ସମୟରେ ଅପରିହାର୍ଯ୍ୟ। ବାତ୍ୟା କ୍ଷୟକ୍ଷତି ଭରଣା ତଥା ଉଦ୍ଧାର, ରିଲିଫ, ଥଇଥାନ ଏବଂ ପୁନରୁଦ୍ଧାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର କୌଣସି ଆର୍ଥୀକ ସହାୟତା ଦାବି ନକରି କରୋନା କାଳରେ କେନ୍ଦ୍ର ଉପରେ ଆର୍ଥୀକ ବୋଝ ଲଦି ଦେବାକୁ ଚାହିଁ ନାହାଁନ୍ତି ସତ, ଭବିଷ୍ୟତରେ ବୃହତ ଯୋଜନା ପାଇଁ କେନ୍ଦ୍ର ଉପରକୁ ବିଲ୍ ଛାଡି ଦେଇଛନ୍ତି। ଏହି ଦୀର୍ଘସ୍ଥାୟୀ ଯୋଜନାକୁ ବାସ୍ତବ ରୂପଦେବା ପାଇଁ ଦଳମତ ନିର୍ବିଶେଷରେ ରାଜ୍ୟ ସମସ୍ତ ରାଜନୈତିକ ଦଳ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇବା ସମୟ ଏବେ ଆସିଛି। ଓଡ଼ିଶାର ଉପକୂଳବାସୀଙ୍କୁ ବାତ୍ୟା ଓ ସାମୁଦ୍ରିକ ଜୁଆରରୁ ସବୁଦିନ ପାଇଁ ସୁରକ୍ଷିତ ରଖିବା ଲାଗି କେନ୍ଦ୍ର ସରକାର ତଥା ପ୍ରଧାନମନ୍ତ୍ରୀ ଅବିଳମ୍ବେ ଏହି ଦୀର୍ଘସ୍ଥାୟୀ ଯୋଜନାକୁ ବାସ୍ତବ ରୂପ ଦେବେ ବୋଲି ରାଜ୍ୟବାସୀ ଆଶାବାଦୀ। ଆମେ ସ୍ମରଣ କରାଇଦେବାକୁ ଚାହୁଁ ଯେ, କଟକ ସହରକୁ ଯେପରି ରିଙ୍ଗ ରୋଡ କାଠଯୋଡି ଓ ମହାନଦୀର କରାଳ ବନ୍ୟା ଦାଉରୁ ସବୁଦିନ ସୁରକ୍ଷିତ ରଖିପାରିଛି ସେହିପରି ବୃହତ ଲୁଣାବନ୍ଦ ଯୋଜନା ଉପକୂଳବାସୀଙ୍କୁ ଲୁଣା ଜୁଆର ଦାଉରୁ ସବୁଦିନ ପାଇଁ ସୁରକ୍ଷିତ ରଖିପାରିବ । ସେହିପରି ଭୂତଳ ବିଦ୍ୟୁତ ସରବରାହ ବ୍ୟବସ୍ଥା ମଧ୍ୟ ବିଦ୍ୟୁତ୍ କ୍ଷୟକ୍ଷତିକୁ ରୋକିବାରେ ସହାୟକ ହେବ ଏଥିରେ ସନ୍ଦେହର ଅବକାଶ ନାହିଁ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି, ସମୀକ୍ଷା ବୈଠକରେ ରାଜ୍ୟ ସରକାର ବାତ୍ୟା କ୍ଷୟକ୍ଷତି ଭରଣା ପାଇଁ କୌଣସି ତତ୍କାଳ ଆର୍ଥୀକ ସହାୟତା ଦାବି କରିନଥିବା ବେଳେ ପ୍ରଧାନମନ୍ତ୍ରୀ ୫୦୦ କୋଟି ଟଙ୍କା ବାତ୍ୟା ପାଇଁ ସହାୟତା ଘୋଷଣା କରିବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କହିବା ବାହୁଲ୍ୟ ଯେ, ପ୍ରତି କଥାରେ ରାଜ୍ୟ ସରକାର ତଥା କ୍ଷମତାସୀନ ବିଜେଡି ଓଡ଼ିଶା ପ୍ରତି କେନ୍ଦ୍ରର ବୈମାତୃକ ଭାବ ସ୍ଲୋଗାନ ଦୀର୍ଘ ବର୍ଷ ଧରି ଦେଇ ଆସୁଥିବାବେଳେ ଏବେ ହୁଏତ ଏଭଳି ନାରା ଦେବାକୁ ଆଉ ସୁଯୋଗ ପାଇବେ ନାହିଁ।

+ ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
(ମୋ)-୯୪୩୭୯୯୪୩୭୯

ଆମେ କରୋନା ଯୋଦ୍ଧା

ସୁଧାକର ରାଉତ



ଦିନୁ ଅଜା ଦିନେ କହିଲେ ଡାକି
ଶୁଣ ମୋ କଥାକୁ ମନ ଦେଇକି ।
ଜାଣିଛ କରୋନା ରୋଗର କୋପ
କିଭଳି ବଦଳାଉଛି ସେ ରୂପ ।
ବୟସ୍କ ସଙ୍ଗେ ଶିଶୁ ଓ କିଶୋର
କେହି ତା' ଠୁ ପାଆନ୍ତିନି ଉଦ୍ଧାର ।
ହେଲେ ସତର୍କ ଓ ସାବଧାନ
କରିବ ଭୁତାଣୁଟି ପଳାୟନ ।
ତୁମେ ଏବେ ପିଲା ରହୁଛ ଘରେ
ମନ ଛଣା ଖାଦ୍ୟ ଫାଷ୍ଟ ଫୁଡ୍‌ରେ ।
ଏସବୁ ଖାଇ ଘରେ ଥାଅ ବସି ।
ନଖେଳି ବୁଲି ମନଟି ବିରସି ।
ମେଦ ବହୁଳତା ବିନା ବ୍ୟାୟାମେ
ପ୍ରବେଶ କଲେ ତୁମ ମତିଭ୍ରମେ ।
ତେଣୁ ଯୋଗ ବ୍ୟାୟାମ ଅଭ୍ୟାସେ ।
ରୋଗ ବି ସହଜେ ପଶେନା ପାଶେ ।
ସୁଷମଖାଦ୍ୟ, ଫଳ ଓ ପରିବା(ଖାଇ)
ପ୍ରତିଶୋଧକ ଶକ୍ତି ବଢାଇବା ।
ପିଇବାଟି ନିତି ପ୍ରଚୁର ପାଣି
ମା'ଙ୍କୁ ସାହାଯ୍ୟ ଦେବା ମନ ଜାଣି ।
ଦିନରେ ବେଶୀ ଶୋଇବାନି କେବେ
ଟି.ଭି., ମୋବାଇଲି ଦୁରେଇ ଏବେ ।
ହାତଧୁଆ, ତୁଣ୍ଡିପିନ୍ଧା ନ ଛାଡି
ଭୟ, ଆତଙ୍କ ମନୁ ଦେବା ତଡି ।
ପଢା ପଢି ପ୍ରତି ଦେବା ଧ୍ୟାନ
ସକାରାତ୍ମକ ଭାବେ ଦେବା ମନ
ମାନିଲେ କଟକଣା ଓ ନିୟମ
ପରାସ୍ତ ହେବ ସେ କଲେ ସଂଗ୍ରାମ ।

+ ପ୍ରତାପ ନଗରୀ , କଟକ
ମୋ- ୮୨୪୯୯୩୨୭୯୨

ଯୌବନର ନୀଳ ସମ୍ମୋହନ

ବେଣୁଧର ସୂତାର

ବୟସର ଗୋଲପି ବାସରେ
କାହାର ଏ ମୃଦୁ ପାଦଚିହ୍ନ
ମୁହିଁ ମୁକ୍ତ ପ୍ରଜାପତି ଟିଏ
ମନ ତଳେ ମିଠା ଆଲୋଡନ ।।

ସପନରେ ମହୁଆ ଚମକ
ଆନନ୍ଦର ଉତ୍ ଫୁଲ ଉଲ୍ଲାସେ
ବୁକୁତଳେ ଖେଳେ ଉନ୍ମାଦନା
ମନ ମଲ୍ଲୀ ମହମହ ବାସେ ।।

ଏମନ ଚହଲି ଉଠେ କିଆଁ
ସପନର ବେଳାଭୂମି ତୀରେ
ଝୁମିଝୁମି ଗାଇଯାଏ ମନ
ମୂର୍ଚ୍ଛନା ର ଅପୂର୍ବ ଝଙ୍କାରେ ।।

ଅଙ୍ଗେଅଙ୍ଗେ ଶିହରଣ ଜାଗେ
ମନହୁଏ ସତେ ଆନମନା
ବୟସର ଚାରୁ ଚନ୍ଦ୍ରିକାରେ
ବିଳାସର ବହଳ ବ୍ୟଞ୍ଜନା ।।

ମିଠା ମିଠା ରୂପଚିତ୍ର ଆଙ୍କେ
ନୀଳ ନୀଳ ନିଟୋଳ ନୟନେ
ସପନ ଦୋଳାରେ ବସି
ମନଝୁମେ ପ୍ରୀତିଫୁଲବନେ ।।

ପ୍ରୀତିମୟ ଲାଗେ ଏ ସଂସାର
ବୟସରେ କୃଷ୍ଣଚୂଡା ରଙ୍ଗ
ମିଠା ତାତି ଭରିଦିଏ ଅଙ୍ଗେ
ନୟନରେ ତଡିତ୍ ତରଙ୍ଗ ।।

ଆବେଗର ମୁଗ୍ଧ ଅନୁରାଗ
ବୟସର ତନୁତୀର୍ଥେ ମୋର
ସମୟର କାଉଁରୀ କୁହୁକେ
ମନ ଗାଏ ପ୍ରୀତିର ମହ୍ଲାର ।।

ରଙ୍ଗମୟ ଛନ୍ଦମୟ ତନୁ
ଉତୁଲାଗେ ଫଗୁଣ ଫଗୁଣ
ସପନର କୋଣ ଅନୁକୋଣେ
ପୁଲକିତ ପ୍ରୀତିର ପାର୍ବଣ ।।

ରୂପ ରଙ୍ଗ ରସ ସମାହାର
ଲାବଣ୍ୟର ରମ୍ୟ ପଦ୍ମବନ
ତାରୁଣ୍ୟର ତନ୍ମୟ କୁଞ୍ଜକୁ
ରଙ୍ଗସ୍ୱପ୍ନେ ଆସିଛି ଯୌବନ ।।

+ କେଶଦୁରାପାଳ
କେନ୍ଦୁଝର
(ମୋ)୯୧୭୮୫୬୮୨୪୬

ଅନାଥର କାନ୍ଦ

କୁନା ସେଠୀ

ହଜିଛି ସପନ ସବୁ ସୁଖ ଦିନ
ଲୁଟିଅଛି ମହାମାରୀ
ଘରେ ଘରେ ଆଜି ଶୁଭେ କାନ୍ଦ ରଡ଼ି
ସ୍ମୃତିକୁ ସାଉଁଟି ଧରି ।

ସ୍ୱାମୀ ମରିଗଲା ସ୍ତ୍ରୀ ହାରିଗଲା
ପାରିଲାନି ରକ୍ଷାକରି
ସ୍ୱାମୀ ପଛେ ପଛେ ସ୍ତ୍ରୀ ଚାଲିଗଲା
ପିଲା ଛୁଆ ପରକରି ।

ଛୋଟ ଛୋଟ ପିଲା କେମିତି ବଞ୍ଚିବେ
କାହାକୁ ଆଶ୍ରୟ କରି
କିଏ ପୋଛି ଦେବ ଆଖି ଲୁହ ତାଙ୍କ
କୋଳରେ ନିଜର ଧରି ।

ସ୍ୱାର୍ଥପର ଏଇ ଦୁନିଆ ଭିତରେ
କିଏ ପଚାରିବ ତାଙ୍କୁ
ଅନାଥ ହୋଇଣ ଭିକ ମାଗିଯିବେ
କିଏ ଅଛି ବୁଝିବାକୁ ।

ଝୁରୁଛନ୍ତୀ ବସି ଅତୀତ କଥାକୁ
ଝରୁଛି ଆଖିରୁ ଲୁହ
ବାପା ବାପା ଡାକି କାନ୍ଦୁଛି ବଡ ଟା
କେମିତି ବଞ୍ଚିବେ କୁହ ।

ଛୋଟ ଛୁଆଟି ତ ମାଆକୁ ଖୋଜୁଛି
କହିବାକୁ ମନ କଥା
କିଏବା ଶୁଣିବ କିଏ ବା ବୁଝିବ
ଭାବିଲେ ଘୁରୁଛି ମଥା ।

ଆହା ଚୁଟୁ କରି ସଭିଏଁ ଅନାନ୍ତି
ଅନାଥର କେହି ନାହିଁ
ଭୋକିଲା ପେଟରେ ଛଟପଟ ହୋଇ
ମାଗନ୍ତି ଖାଇବା ପାଇଁ ।

ଅଛବ ପରାଏ ଘୃଣିତ ହୁଅନ୍ତି
ସାଇ ପଡ଼ିଶାଙ୍କ ଠାରୁ
ସାହାଯ୍ୟର ହାତ କେହି ବଢାଏ ନି
ବାପା ମାଆ ମରିବାରୁ ।

ଅନାଥର କାନ୍ଦ ଶୁଭୁନି କାହାକୁ
କାନ୍ଦନ୍ତି ସେ ଘରେ ବସି
ଘର ଉଜାଡ଼ିଲା ଦୁଃଖ ଦେଇଗଲା
ମହାମାରୀଟା ଯେ ଆସି ।

+ (ଶିକ୍ଷକ)
ଭୂତସରସିଙ୍ଗି, ଗଞ୍ଜାମ

ସଂକ୍ଷିପ୍ତ ରାମାୟଣ

ଶଙ୍

ନଷ୍ଟ ପୁରୁଷ

ଆଜିର୍ ଗଳ୍ପ

ନିହାରିକା ରାୟ ବରାଳ



ପ୍ରାପ୍ତିର ସକାଳୁ ସକାଳୁ ନିଦ ଭାଙ୍ଗିଗଲା । ଆଜି ସକାଳ କେମିତି ନୂଆ ନୂଆ ଲାଗୁଛି । ଫେବୃଆରୀ ମାସର ସକାଳ, ହାଲୁକା ଶୀତ ଅଛି । ଏଇଠି ଏଇ ବାଲ୍‌କୋନିରେ ବସି ସକାଳର କଅଁଳ ଖରା ସହିତ ଚା' କପ୍ ଆଉ ବାହାରର ସୁନ୍ଦର ଦୃଶ୍ୟ ଖୁବ୍ ମନକୁ ଛୁଇଁଥିଲା । 'ଓଁ'ର ସିଡି ବାଜୁଛି ପୂଜାରୁମ୍‌ରେ । ପ୍ରତିଧ୍ୱନିତ ହେଉଛି ଘରର ପ୍ରତିଟି କୋଠରୀ, ପତଳା ସାଲକୁ ଘୋଡ଼େଇ ହୋଇ ପଡ଼ିଲା ଦେହରେ, ପବନରେ ଶିହରଣ ଯେମିତି ତା ଦେହରେ, ମନରେ, ଆତ୍ମାରେ; ଶାନ୍ତିର, ସ୍ଥିରତାର ଗୋଟେ ଅଦ୍‌ଭୂତ ଚିରହରତ୍ ଅରଣ୍ୟ ।

କାଲି କଥା ମନେ ପକାଉଥିଲା, ଯେତିକି ଯେତିକି ପ୍ରତ୍ୟୁଷ କଥା ଭାବୁଥିଲା ସେତିକି ସେତିକି ତା ମନରେ ପ୍ରତ୍ୟୁଷ ପ୍ରତି ଭଲ ପାଇବା ସୃଷ୍ଟି ହେଉଥିଲା । ଲୋକମାନେ କଣ କଣ ସବୁ ତା ବିଷୟରେ କଥା ହୁଅନ୍ତି । ମଦ୍ୟପ, ଦୁଷ୍ଟଚରିତ୍ର, ଅହଂକାରୀ, ରାଗୀ, ବେଖାପିଆ, ବଦ୍‌ନାମ ଲୋକ ଜଣକ ପ୍ରତ୍ୟୁଷ । ବାହାଘରର କେତେବର୍ଷ ଭିତରେ ସ୍ତ୍ରୀ ସହିତ ଝଗଡ଼ା ଏବଂ ସ୍ତ୍ରୀ ରହୁଛି ଅଲଗା । ଏକୁଟିଆ ରହୁଛି ପ୍ରତ୍ୟୁଷ । ପ୍ରତ୍ୟୁଷ କବିତା ଲେଖେ, ବକ୍ତୃତା ଦିଏ । ରାଜନୀତି କରେ, ପେଷା ତାର ଓକିଲାତି । ବଂଚିବା ପାଇଁ ଅର୍ଥ ଦରକାର, ତେବେ ଲୋକେ ତା ନାଁରେ କାହିଁକି ସବୁ ଏମିତି କଥା ହୁଅନ୍ତି । ତାକୁ କଣ ଈର୍ଷା କରନ୍ତି କି ? ତାର ନଇଁ ନ ପଡ଼ିବାର ପ୍ରକୃତି, ସିଧାକଥା କହିବାର ଦାମ୍ଭିକତା, ବେପରୁଆ ହାବଭାବ, ସୁଦୀର୍ଘ ପୌରୁଷ, ହେଇ ପାରିଥାଏ ଈର୍ଷା କି ଅସୂୟା, ହେଇ ପାରିଥାଏ ତିନି ତୁଣ୍ଡରେ ଛେଳି କୁକୁର, ହେଇ ପାରିଥାଏ କିଛି ନା କିଛିର ସମାହାର ।

ପ୍ରତ୍ୟୁଷ ତାରି କଲେଜରେ ପଢୁଥିଲା । ତା'ଠାରୁ ଗୋଟିଏ ବ୍ୟାଚ୍ ଉପରେ । କେବେ ଦିନେ କଲେଜର ୱାଲ ମ୍ୟାଗାଜିନରେ ପ୍ରେମ କବିତାଟେ ଲେଖି ଦେଇଥିଲା ପ୍ରାପ୍ତିର ନାଁ ନେଇ । ତା' ପରେ ପରେ ଅନେକ ଆଲୋଚନା ସମାଲୋଚନାର ଶୀକାର ହୋଇଥିଲେ ଉଭୟ । ପ୍ରାପ୍ତିର ଅଜାଣତରେ ତାକୁ କଣ ପ୍ରତ୍ୟୁଷ ଭଲ ପାଉଥିଲା ତାହେଲେ ?

କେତେଜଣ ମନ୍ଦବୁଦ୍ଧି ପିଲା କଲେଜ କାନ୍ଥରେ ପ୍ରତ୍ୟୁଷ + ପ୍ରାପ୍ତି ଲେଖି ଦେଇଥିଲେ ଚକ୍‌ଖଡ଼ିରେ । ପିଏଲଟି, ସିଏଲଟି କ୍ଲାସର ବ୍ଲାକବୋର୍ଡରେ ବି ସେଇ ନାଁ ଲେଖା ଥିଲା । ସାର୍ କ୍ଲାସକୁ ଆସି ବ୍ଲାକ୍‌ବୋର୍ଡରେ ଲେଖିବା ପୂର୍ବରୁ ନିଜେ ଡଷ୍ଟରରେ ଲିଭେଇ ଥିଲେ ନାଁ ଦୁଇଟିକୁ । ଏମିତି ଭିତରେ ପ୍ରାପ୍ତି ବାପାଙ୍କର ବଦଳି ଆଉ ପ୍ରାପ୍ତିର ଅନ୍ୟ କେଉଁ କଲେଜକୁ ଟିସି ନେଇ ଚାଲିଯିବା, ସେଇଠି, ସରିଯାଇଥିଲା ପ୍ରେମ କାହାଣୀ । ପ୍ରତ୍ୟୁଷ ବିଷୟରେ କିଛି ଖବର କେବେ ରଖିନଥିଲା କି ଭାବିବି ନଥିଲା । କାରଣ ତା ମନରେ କେବେ ବି ପ୍ରତ୍ୟୁଷ ପାଇଁ ପ୍ରେମ ନଥିଲା । ଯାହା ସବୁ ଘଟିଥିଲା କେବଳ ମିଛ ପ୍ରଚାର, 'ତୁଣ୍ଡ ବାଇଦ ସହସ୍ର କୋଶ' ନ୍ୟାୟରେ ।

ଛୋଟ ସହରଟିଏ ଇଏ, ପ୍ରାପ୍ତି ପାଇଁ କିନ୍ତୁ ଭାରି ଆପଣାର ପରି ଲାଗେ, କେବେଦିନେ ସ୍କୁଲ ପଢ଼ା ସରିଥିଲା ଏଇ ସହରରେ ଥିବା ଗାର୍ଲସ୍ ସ୍କୁଲରେ । ଏଇଠି କଟିଚି ତାର ପିଲାଦିନ ଓ କୈଶୋର । ଯୌବନରେ ପାଦ ଦେଉ ଦେଉ ବାପାଙ୍କ ବଦଳି ହେଇଗଲା ଅନ୍ୟ ସହରକୁ । ଭାଇ, ଭଉଣୀଙ୍କ ସହ ଅନ୍ୟଜାଗାକୁ ଯିବାକୁ ପଡ଼ିଲା, ଭାରି କଷ୍ଟ ଲାଗିଥିଲା ଯେତେବେଳେ ସବୁ ସାଂଗମାନେ ତାକୁ ବିଦାୟ ଦେଇଥିଲେ ଲୁହ ଛଳଛଳ ଆଖିରେ । ସେଇଦିନଠୁ ଯାଇଛି ଯେ ଫେରିଲା ଦୀର୍ଘ ତିରିଶ ବର୍ଷ ପରେ । ଏଇ ସେଇ ସହର । ଜମା ଚିହ୍ନି ହେଉନି, ପୂରା ବଦଳି ଯାଇଛି । ତା' ସ୍କୁଲ, ସ୍କୁଲର ବିଲ୍‌ଡିଙ୍ଗ, କଲେଜ ସବୁ କିଛି । ଆଜି ଏତେ ବର୍ଷ ପରେ କେହି କାହାକୁ ଚିହ୍ନି ପାରୁନାହାଁନ୍ତି, ନାଁ ସହର ପ୍ରାପ୍ତିକୁ ନା ପ୍ରାପ୍ତି ସହରକୁ ।

ଅଧ୍ୟାପିକାଟିଏ ହେବା ପରେ ଅନେକ ଥର ଭାବିଛି ଥରେ ଆସିବ ଏଠିକି । ଦୁଇ ତିନିଦିନ ରହିକି ଯିବ । କିନ୍ତୁ ବ୍ୟସ୍ତତା ଭିତରେ କେବେ ବି ଆସି ହେଲାନାହିଁ । ଏହା ଭିତରେ ଏତେଗୁଡ଼ା ବର୍ଷ ବିତିଗଲା । ଅଥଚ ଦେଖତ କି ଭାଗ୍ୟ ସିଏ ପଢୁଥିବା ଗାର୍ଲସ ସ୍କୁଲର ଗୋଲେଡେନ ଜୁବୁଲି ପାଇଁ ତାକୁ ଗେଷ୍ଟ କରି ଡାକିଥିଲେ ତା ତଳ ବ୍ୟାଚରେ ପଢୁଥିବା ଅଭିପ୍ସା ଦାସ । ଯିଏ କି ଏବେ ହେଡମିଷ୍ଟ୍ରେସ ଅଛନ୍ତି । ପ୍ରାପ୍ତି କବିଟିଏ, ଲେଖିକାଟିଏ, ବକ୍ତାଟିଏ, ଅଧ୍ୟାପିକାଟିଏ ଏବଂ ସର୍ବୋପରି ସମାଜ ସେବିକାଟିଏ । ସମାଜ ସେବାରେ ନିଜକୁ ନିୟୋଜିତ କରି ଦେଉଛି ବଳକା ସମୟ ପାଖରେ । କେତେ ଅନାଥାଶ୍ରମ, ବୃଦ୍ଧାଶ୍ରମ ସହିତ ଜଡ଼ିତ ଅଛି । କେବେ କୁନି କୁନି ବାପା ମା' ନଥିବା ପିଲାମାନଙ୍କ ସହିତ ସ୍ନେହ ବଂଧନରେ ବାଂଧି ହୋଇ ଯାଇଚି ତ କେବେ ଜରାଶ୍ରମରେ ତାକୁ ସମସ୍ତ ବିଶ୍ୱାସ ଭଲପାଇବା ଦେଇ ଚାହିଁ ବସିଥିବା ସିନିୟର ସିଟିଜେନ ମାନଙ୍କର ନିଜର ହେଇଯାଇଛି । ସେମାନଙ୍କ ଗହଣରେ ସମୟ କାଟିଲା ବେଳେ ଲାଗେ ବାପା, ବୋଉଙ୍କୁ ହରାଇଥିବା ପ୍ରାପ୍ତି ପାଇଁ ଯେମିତି ଭଗବାନ ଏମାନଙ୍କୁ ଦେଇଛନ୍ତି । ଏକଲା ଜୀବନ ଭିତରେ ଏଇମାନେ ତ ତାର ସବୁକିଛି । କଲେଜର ଅଧ୍ୟାପନା ଭିତରେ ପିଲାମାନଙ୍କଠାରୁ ଅନେକ ଭଲପାଇବା, ଭକ୍ତି, ଆପଣାପଣ ପାଇଛି । ବଂଧୁ ଗହଣରେ ଅଗ୍ରାଧିକାର ମିଳିଚି ତାକୁ । ସମାଜରୁ ସ୍ୱୀକୃତି ମିଳିଛି ତାର ପାରଦର୍ଶିତା ପାଇଁ ।

ଅନେକ ବର୍ଷପରେ ପ୍ରତ୍ୟୁଷ ସହିତ ଦେଖା ହୋଇଥିଲା କୌଣସି ଏକ ସାହିତ୍ୟ ସଭାରେ । ପ୍ରାପ୍ତିକୁ ପୁରସ୍କୃତ କରାଯାଇଥିଲା ବିଷୁବ ପୁରସ୍କାରରେ । ସିଏ ସେତେବେଳେ ପୁରସ୍କାର, ମାନପତ୍ର ଧରି ଷ୍ଟେଜରୁ ତଳକୁ ଓହ୍ଲାଉଥିଲା ଅନେକ ଲୋକଙ୍କ ଅଭିନନ୍ଦନ ସହ ପ୍ରତ୍ୟୁଷ ବି କହିଥିଲା- ମ୍ୟାଡାମ ଅଭିନନ୍ଦନ । ତା ପରେ ପରେ ଆଉ ଦୁଇ ତିନିଟି ସଭାରେ ଏମିତି ସାକ୍ଷାତ । ଥରେ ହ୍ୱାଟସ୍‌ଆପ୍‌ର ଶୁଭସକାଳ ପୋଷ୍ଟରେ କିଛି ମେସେଜ । ପ୍ରାପ୍ତିକୁ ସେ ନମ୍ବର ଜଣାନଥିଲା କାହାର ବୋଲି । ପଚାରି ଥିଲା କିଏ ବୋଲି । ସେପଟୁ ପ୍ରତ୍ୟୁଷ ଲେଖିଥିଲା ମୁଁ ପ୍ରତ୍ୟୁଷ ପଟ୍ଟନାୟକ, ଆପଣଙ୍କ ସହିତ କେତେଥର ଦେଖାହେଇଚି କିଛି ସଭାରେ । ପ୍ରାପ୍ତି ମନେ ପକେଇବାକୁ ଚେଷ୍ଟା କରୁଥିଲା ପ୍ରତ୍ୟୁଷ ତାହେଲେ ସେଇ ଲୋକର ନାଁ ? ଲମ୍ବା, ଶ୍ୟାମଳ ବର୍ଣ୍ଣର ସେଇ ଲୋକଜଣକ । ଲମ୍ବାନାକ, ତେଜଦୀପ୍ତ ଚକ୍ଷୁ କେମିତି ଗୋଟେ ଆକର୍ଷିତ କରିବାର ବ୍ୟକ୍ତିତ୍ୱ । ବଡି ଲାଙ୍ଗୁଏଜ ନିହାତି ମାର୍ଜିତ, ଆଭିଜାତ୍ୟ ସଂପନ୍ନ, ମନେ ପଡୁଥିଲା ପ୍ରାପ୍ତିର । ଅନେକ ଲୋକ ତାର ପାଖାପାଖି ହେବା ପାଇଁ ଅନେକ ସମୟରେ ପ୍ରଶଂସା କରନ୍ତି । ଚାଟୁକାରିତା କରନ୍ତି । ମିଛ ସଂପର୍କର (ଯୋଡାଯୋଡ଼ି କରି) ଦ୍ୱାହି ଦିଅନ୍ତି । ପ୍ରାପ୍ତି କେବେ ବି ଏପରି ଲୋକଙ୍କ ପାଖରେ ମିଶିଯିବା ଝିଅ ନୁହଁ । ଦୂରେଇ ଦୂରେଇ ରହେ ଏଇସବୁ ଭେଜାଲ ସଂପର୍କ ଆଉ ମୁଖାପିନ୍ଧା ମଣିଷମାନଙ୍କ ପାଖରୁ । କିନ୍ତୁ ପ୍ରତ୍ୟୁଷ, କେତେ ଦାମ୍ଭିକ ଆଉ ସ୍ୱଷ୍ଟବାଦୀ, ନିର୍ଭୀକତା ଫୁଟି ଉଠୁଛି ତାଙ୍କ ହାବଭାବରୁ ।

ତା' ପରଠୁ ଦୁହେଁ ଦୁହିଁଙ୍କୁ ଗୁଡମର୍ଣ୍ଣିଙ୍ଗ ମେସେଜ ଭିତରେ ସୀମିତ ରଖିଥିଲେ । ଆଉ କେବେ ଦେଖା ହୋଇନାହିଁ ସାମ୍ନାସାମ୍ନି । ଏମିତି ବର୍ଷକ ପରେ ପ୍ରତ୍ୟୁଷ ଭୁବନେଶ୍ୱର ଛାଡ଼ି କେଉଁ ଗୋଟେ ସହରକୁ ସିଫ୍ଟ ହୋଇଗଲା ବୋଲି ଜଣେ ବାଂଧବୀଠାରୁ ଶୁଣିଥିଲା । ଆଉ ପ୍ରତ୍ୟୁଷର ଗୁଡମର୍ଣ୍ଣିଙ୍ଗ ମେସେଜ ବି ନଥିଲା ।

କାଲି ହଠାତ୍ ଦୁଇବର୍ଷ ପରେ ପ୍ରତ୍ୟୁଷ ସାଙ୍ଗରେ ଦେଖାହେଲା ଏଇ ସଭାରେ । ପ୍ରାପ୍ତି ପଚାରିଲା ଆପଣ ଏଠି ? ଏଇ ସହରରେ ?

- ହଁ ମୋ ନିଜ ସହର ପ୍ରତ୍ୟୁଷ କହୁଥିଲା । ମୁଁ ଫେରି ଆସିଲି ଏଠିକୁ । କେହି କାହାର ନୁହଁନ୍ତି । ଭୁବନେଶ୍ୱରକୁ ମୁଁ ଦୁଇବର୍ଷ ହେଲା ଛାଡ଼ି ଆସିଲି । ଗୋଟେ ପ୍ରାଇଭେଟ କଲେଜର ପ୍ରିନ୍‌ସପାଲସିପ୍ ମିଳିଗଲା ଏଠି । ଭାବିଲି ମୋ ନିଜ ଜାଗାରେ ମୁଁ ଶାନ୍ତିରେ ରହିପାରିବି । ବାପା ବୋଉଙ୍କର ବାର୍ଦ୍ଧକ୍ୟ ଅବସ୍ଥାରେ ମୋର ତାଙ୍କ ପାଖରେ ରହିବା ନିହାତି ଜରୁରୀ । ତେଣୁ ମୁଁ ଫେରି ଆସିଲି । ମନେ ମନେ ଭାବୁଥିଲା ପ୍ରାପ୍ତି ଭଲ କଲେ । ଯୋଉଠି ଆତ୍ମୀୟତା ନାହିଁ, ଯୋଉଠି ପାଖ ଘରେ କିଏ ରହୁଛି ପଡ଼ୋଶୀକୁ ଜଣାନଥାଏ, ଯୋଉଠି ଲୋକମାନେ ଏତେ ସ୍ୱାର୍ଥ ସର୍ବସ୍ୱ ଯେ କାହାପାଇଁ କାହାର ପଦେ କଥା ହେବାକୁ ସମୟ ନଥାଏ, ସେଠି ନରହିବା ହିଁ ଭଲ । ପ୍ରାପ୍ତି କେବଳ ଏତିକି କହିଲା- ହଁ ଠିକ୍ ଡିସିସନ୍ ନେଇଛନ୍ତି ।

ମିଟିଙ୍ଗ ସରୁସରୁ ରାତି ନଅଟା ତିରିଶ । ତା' ପରେ ଡିନର, ବିଭିନ୍ନ ଲୋକଙ୍କ ସହିତ ପରିଚୟ, କଥାବାର୍ତ୍ତା ଭିତରେ ଅନେକ ସମୟ ହେଇ ଯାଇଥିଲା । ପ୍ରାପ୍ତିକୁ ଭୁବନେଶ୍ୱର ଫେରିବାକୁ ପଡ଼ିବ । ଅନ୍ତତଃ ଦୁଇଘଣ୍ଟାର ରାସ୍ତା । ଆଜିକାଲି ବେଳକାଳ ବି ଭଲ ନାହିଁ । କରୋନା ରାକ୍ଷସର ମାୟା ଜାଲରେ ସାରା ପୃଥିବୀ କବଳିତ । କୌଣସି ମତେ ଘରେ ପହଞ୍ଚିବାର ଅଛି । ବିଦାୟ ଦେଲେ ସ୍କୁଲ କର୍ମକର୍ତ୍ତା ତଥା ହେଡମିଷ୍ଟ୍ରେସ ଅଭୀପ୍ସା । ପ୍ରତ୍ୟୁଷ ସେମାନଙ୍କ ଭିତରେ ଥିଲା । କାରଣ ସ୍କୁଲର ଆଡଭାଇଜ କମିଟିର ଜଣେ ସଦସ୍ୟ ସିଏ । ଏକଥା ପ୍ରାପ୍ତି ପରେ ଜାଣିଲା । ଗାଡ଼ିରେ ବସିଲା ପ୍ରାପ୍ତି । ପ୍ରବୋଧ ତାର ଅତି ପୁରୁଣା ଡ୍ରାଇଭର, ସଚ୍ଚୋଟ ଓ ବିଶ୍ୱାସୀ । ମାତ୍ର ଏ କଣ ଗାଡ଼ି ତ ଷ୍ଟାର୍ଟ ହେଉନାହିଁ । ପ୍ରବୋଧ ଏକ୍ସପର୍ଟ ଡ୍ରାଇଭର ବି । ଯେତେ ଚେଷ୍ଟା କଲେ ବି ଗାଡ଼ି ଷ୍ଟାର୍ଟ ହେଉନାହିଁ । ଏତେ ରାତିରେ ମେକାନିକ ବି କୋଉଠୁ ମିଳିବ । କେମିତି ସେ ଫେରିବ ଭୁବନେଶ୍ୱର । ସମସ୍ତେ ବ୍ୟସ୍ତ ହେଉଥିଲେ । ହଠାତ୍ ପ୍ରତ୍ୟୁଷ କହିଲା- "ଆପଣ ଆଜି ରାତିଟା ଏଠି ରହିଯାଆନ୍ତୁ, କାଲି ସକାଳେ ମେକାନିକ ଡାକି ଗାଡ଼ି ଠିକ୍ କରିଦେଲେ ଆପଣ ଦଶଟା ଭିତରେ ଭୁବନେଶ୍ୱର ପହଞ୍ଚି ଯାଇପାରିବେ ।

କର୍ମକର୍ତ୍ତା ମାନେ ପ୍ରତ୍ୟୁଷ କଥାରେ ଯଦିଓ ଆଶ୍ୱସ୍ତ ହେଲେ କିନ୍ତୁ ମ୍ୟାଡାମ ରହିବେ କେଉଁଠି ? ପ୍ରତ୍ୟୁଷ କହିଲା- "ଆପଣଙ୍କର ଯଦି କିଛି ପ୍ରୋବ୍ଲେମ ନଥାଏ ତେବେ ଆଜି ରାତି ମୋ ଘରେ ରହିଯାଆନ୍ତୁ । କିଛି ବି ଅସୁବିଧା ହେବନାହିଁ । ସକାଳୁ ମେକାନିକ ଆସିଯିବ ।

ପ୍ରାପ୍ତି ଭାବିଲା ସମସ୍ୟାର ସମାଧାନ ତ ପ୍ରତ୍ୟୁଷ ଠିକ୍ ଭାବେ କରିଛି ମାତ୍ର ତା ଘରେ ରାତିରେ ରହିବା କେତେ ନିରାପଦ ହେବ ପ୍ରାପ୍ତି ପାଇଁ ? କିନ୍ତୁ ଅନ୍ୟ ରାସ୍ତା ବି ନାହିଁ । ଶେଷରେ ପ୍ରବୋଧକୁ ଧରି ପ୍ରାପ୍ତି ପ୍ରତ୍ୟୁଷ ସହିତ ପାଂଚଶହ ମିଟର ଦୂରରେ ଥିବା ତା ଘରକୁ ବାହାରିଲା, ସାଂଗରେ ଆୟୋଜକ କମିଟିର କର୍ମକର୍ତ୍ତାମାନେ । ପ୍ରତ୍ୟୁଷ ଘରର ତାଲା ଖୋଲିଲା । ଅନ୍ୟମାନଙ୍କୁ ବିଦାୟ ଦେଇ ପ୍ରାପ୍ତି ପ୍ରତ୍ୟୁଷ ଘରେ ପାଦ ରଖିଲା । ସୁନ୍ଦର ଘରଟିଏ । ପାଖରେ ଖରସ୍ରୋତା ନଈ, ଧାନବିଲ, ମତୁଆଲା ପବନ । ଆଜି ଜହ୍ନରାତି, ସବୁଆଡ଼େ ଯେମିତି ପ୍ରକୃତି ଶ୍ୱେତବସ୍ତ୍ରଟିଏ ପିନ୍ଧିଚି, ନିହାତି ପବିତ୍ରି, ମାଂଗଳିକ ପରି ଲାଗୁଛି । ପ୍ରାପ୍ତି ପ୍ରତ୍ୟୁଷର ଡ୍ରଇଂରୁମ୍‌ରେ ବସିଥିଲା । ପ୍ରତ୍ୟୁଷ ପାଣିଗ୍ଲାସ୍ ଆଣି ତାକୁ ବଢ଼େଇଲା । ପ୍ରାପ୍ତି ପାଣି ଗ୍ଲାସଟିକୁ ଧରି ପାଣି ପିଉ ପିଉ ଡ୍ରଇଁ ରୁମ୍‌ରେ ଆଖି ବୁଲାଉଥିଲା । ସ୍ୱାମୀ ବିବେକାନନ୍ଦଙ୍କ ଫଟୋ କାନ୍ଥରେ, ତା'ର ପ୍ରିୟ ନୀଳରଙ୍ଗ ପ୍ରତ୍ୟୁଷର କାନ୍ଥରେ, ସୋଫାରେ, ପର୍ଦ୍ଦାରେ, ସବୁଆଡ଼େ ନୀଳରଙ୍ଗର ହାଲୁକା ତରଙ୍ଗ । ଶାଂତ, ସୁଶୀତଳ, ସମ୍ମୋହକ ।

ଡ୍ରାଇଭର ପ୍ରବୋଧର ଶୋଇବା ବ୍ୟବସ୍ଥା କରି ପ୍ରତ୍ୟୁଷ ଫେରି ଦେଖିଲା ପ୍ରାପ୍ତି ସେମିତି ବସିଛି ସୋଫାରେ । କଣ ଭାବୁଛି ସେ ? ପ୍ରତ୍ୟୁଷ ଗଳା ସଫା କରିବାର ମିଛ ବାହାନା କରି ତାର ନୀରବତା ଭାଙ୍ଗି କହିଲା- ପାଖ ରୁମ୍‌ରେ ଆପଣ ଫ୍ରେସ୍‌ହୋଇ ଶୋଇ ଯାଆନ୍ତୁ, ଆଟାଚ୍ ୱାସରୁମ୍ ଅଛି । ପ୍ରାପ୍ତି ଉଠିଲା ଆଉ ପାଖ ରୁମ୍‌କୁ ଗଲା, ଏଇଟା ବୋଧେ ପ୍ରତ୍ୟୁଷର ଗେଷ୍ଟରୁମ୍ । ପ୍ରାପ୍ତି ଫ୍ରେସ୍ ହୋଇ ଆସି ବେଡରେ ବସି ଟାୱାଲରେ ମୁହଁ ବେକ ପୋଛିଲା । ନିଜ ଭ୍ୟାନିଟିରୁ ଡିଓଡାଣ୍ଟ କାଢ଼ି ଲଗାଇଲା । ମୁହଁରେ ହାଲୁକା ଲୋସନ ଲଗାଇ ଶୋଇବାକୁ ଭାବିଲା । ଦେଖିଲା ବୁକ୍ ସେଲଫରେ ଅନେକ ବହି ସଜା ହୋଇ ରଖାଯାଇଛି, ସେଥିରୁ ବାଛି ବାଛି 'ଲିଭିଙ୍ଗ ଉଇଥ ଦ ହିମାଲୟେନ ମାଷ୍ଟରସ୍' ବହିଟି ବାହାର କଲା । ଶୋଇବା ପୂର୍ବରୁ ପ୍ରାପ୍ତିର ଅଭ୍ୟାସବଶତଃ ବହିଟି ନ ଧରିଲେ ତାକୁ ନିଦ ଆସେ ନାହିଁ । ବେଡରେ ଶୋଇ ବହିଟିକୁ ଉତ୍ସୁକତାର ସହ ପଢ଼ିବାକୁ ଆରମ୍ଭ କଲା ।

ପ୍ରାପ୍ତିକୁ କେତେବେଳେ ନିଦ ହୋଇ ଯାଇଛି ଜାଣିନାହିଁ । ସକାଳୁ ନିଦ ଭାଙ୍ଗିଲା ପ୍ରଥମେ ତ ସିଏ ଜାଣି ପାରିଲାନି କଉଠି ଅଛି । ଗତ ରାତିର କଥା ଭାବୁଥିଲା । ରୁମ୍‌ର ଚାରିଆଡ଼କୁ ଆଖି ବୁଲାଉ ଥିଲା । ତା ରୁମ୍‌ର ଲାଇଟ ଅଫ ହୋଇ ବେଡ ଲ୍ୟାମ୍ପ ଜଳୁଚି, ପଢୁଥିବା ବହି ଓ ପିନ୍ଧିଥିବା ଚଷମା ସାଇଡ୍ ଟେବୁଲରେ ରଖା ହୋଇଛି ଯତ୍ନରେ; ତାକୁ କିଏ ଚାଦରଟିଏ ବି ଘୋଡ଼େଇ ଦେଇଛି । ରୁମ୍‌ର କବାଟ ଆଉଜା ହୋଇଛି । ଉଠି ବସିଲା ପ୍ରାପ୍ତି । ପ୍ରତ୍ୟୁଷ ତାହେଲେ ତା ରୁମ୍‌କୁ ଆସିଥିଲା ରାତିରେ । ଅନେକ କିଛି ଭାବୁଥିଲା ପ୍ରାପ୍ତ । ଏତେ ଯତ୍ନ ନେଇପାରେ ପ୍ରତ୍ୟୁଷ ? ଏତେ ଆପଣାପଣ ଥାଇପାରେ ତା ପାଖରେ । କିନ୍ତୁ ପ୍ରାପ୍ତି କଣ କଣ ସବୁ ଭାବୁଥିଲା ତା' ବିଷୟରେ, କଣ ସବୁ ଶୁଣିଥିଲା ତା ବିଷୟରେ ତା ଚରିତ୍ର ବିଷୟରେ ! ସିଏ ଶୁଣିଥିବା ପ୍ରତ୍ୟୁଷ ଆଉ କାଲି ରାତିର ପ୍ରତ୍ୟୁଷ ତ ପୂରାପୂରି ଅଲଗା, ଯଦି ପ୍ରତ୍ୟୁଷ ସତରେ ଏତେ ଖରାପ ହେଇଥାଆନ୍ତା ତାହେଲେ କାଲି ରାତିର ବ୍ୟବହାର, ଆପଣାପଣ, କେମିତି ସଂଭବ ହେଇଥାଆନ୍ତା ? ଏତେ ଶୁଣା କଥା... ଉଡ଼ାକଥା ସହିତ ତା ନିଜର ଅଭିଜ୍ଞତାକୁ ତଉଲି ଥିଲା ସମାଜର ନଜରରେ ଆଉ ନିଜ ନଜରର ନିକିତିରେ ପ୍ରତ୍ୟୁଷର । ଚରିତ୍ରର ପଲା କାହିଁ କେତେ ଭାରି ହୋଇ ତଳକୁ ଚାଲି ଯାଉଥିଲା । ଅନେକ ତଳକୁ ।

ବାଥ୍‌ରୁମ୍‌ରୁ ଫ୍ରେସ୍ ହୋଇ ରୁମ୍ ବାହାରକୁ ବାହାରିଲା ପ୍ରାପ୍ତି, ଦେଖିଲା ପ୍ରତ୍ୟୁଷ ବାଲ୍‌କୋନିରେ ଖବରକାଗଜ ଧରି ପଢୁଛି । ଚା ଦୁଇକପ୍ ଘୋଡ଼ା ହୋଇ ରଖାଯାଇଛି । ତା' ସହିତ ପାଣି ଗ୍ଲାସ୍‌ଟିଏ ବି । ଏଯାଏ ବୋଧେ ଚା ପିଇନି ପ୍ରତ୍ୟୁଷ । ତାକୁ ଅପେକ୍ଷା କରିଚି । ପୂଜା ରୁମ୍‌ରୁ ଧୂପର ବାସ୍ନା ସହିତ ଓଁ କାରର ସିଡି ବାଜୁଛି । ବାହାରେ ହାଲୁକା ଖରା, ସୁଲୁସୁଲୁ ପବନ ବହୁଛି । ମୋଟ ଉପରେ ପରିବେଶ କେମିତି ଗୋଟେ ଆତ୍ମୀୟତା, ପବିତ୍ରତା, ବିଶ୍ୱାସରେ ଲହରୁଛି । ପ୍ରତ୍ୟୁଷକୁ ଚାହିଁଲା ପ୍ରାପ୍ତି, ଗୋଲାପୀ ରଂଗର ପଞ୍ଜାବୀ ସାଙ୍ଗରେ ଧଳା ଚୁଡ଼ିଦାର ପିନ୍ଧିଚି । ପତଳା ଫ୍ରେମର ଚଷମା ଖୁବ୍ ମାନୁଚି ତା ମୁହଁକୁ । ତାର ଏଇ ପାଞ୍ଚଫୁଟ ନଅଇଞ୍ଚର ଲମ୍ବା ଦେହକୁ ସବୁକିଛି ଖାପଖାଇଲା ପରି ଲାଗୁଛି । ପ୍ରାପ୍ତି ଆଖିରେ ଆଜି ପ୍ରତ୍ୟୁଷ ଦୁନିଆର ସବୁଠୁ ସୁନ୍ଦର ପୁରୁଷର ଇସ୍ତାହାର ଧରି ବସିଛି ଯେମିତି ।

ପ୍ରାପ୍ତିକୁ ଦେଖି ପ୍ରତ୍ୟୁଷ ହସହସ ମୁହଁରେ ଗୁଡ଼ମର୍ନିଙ୍ଗ ଜଣାଇ ବସିବାକୁ କହିଲା । ପ୍ରାପ୍ତି ଚେୟାରରେ ବସୁ ବସୁ ଭାବୁଥିଲା- କିଏ କହିଲା ପ୍ରତ୍ୟୁଷ ନଷ୍ଟ ପୁରୁଷ ବୋଲି । ତା ଆଖିରେ ତ ସିଏ ଶ୍ରେଷ୍ଠ ପୁରୁଷ । ନହେଲେ ଜଣେ କଣ କେବେ ଏମିତି ହୋଇପାରେ ? ବୋଧେ ନଷ୍ଟପୁରୁଷମାନେ ହିଁ ଶ୍ରେଷ୍ଠ ପୁରୁଷ ହେଇପାରନ୍ତି ।

+ଅନୁରାଗ,
ବି/୧୦, ପ୍ରତିଭା ଏନକ୍ଲେଭ,ବିଜେବି
ନଗର, ଭୁବନେଶ୍ୱର-୧୪
(ମୋ)୯୪୩୭୧୨୩୨୪୮

ଅସ୍ତରାଗ

ଲିପ୍‌ସା ପଟେଲ



ଅନେକ ଫଗୁଣ ଏମିତି ଆସିଛି ଓ ଯାଇଛି । କିନ୍ତୁ ଫଗୁଣର ରଙ୍ଗ କେବେ ବି ଛିଟା ଛାଡ଼ିଯାଇନି ନମ୍ରତାର ଧୋବ୍ ଫରଫର କାନିରେ । ବଢ଼ି ଚାଲିଥିବା ବୟସ ସହ ପାରିବାରିକ ଜଂଜାଳ କେବେଠୁ ଛଡ଼େଇ ନେଇସାରିଥିଲା ତା' ଯୌବନ ତା'ର ଅଜାଣତରେ । ତା' ଆଖିତଳର କଳାଦାଗ ତଳେ ଲୁଚିସାରିଥିଲା ତା'ର ସବୁତକ ସ୍ୱପ୍ନ । କାନ୍ଧର ବୋଝ ହୁଗୁଳା ହେବାର ନାଁ ଧରୁନଥିଲା । ଓଠରେ ଟାଣି ହେଉଥିବା ହସର ଗାରଥିଲା । କେବଳ ଲୋକ ଦେଖାଣିଆ । ନିଜ ପାଇଁ ଜୀବନ ବଂଚିବା କେବେଠୁ ଭୁଲିସାରିଥିଲା ସିଏ । ଏଥରକର ଫଗୁଣ କିନ୍ତୁ କେମିତି ମତୁଆଲା କରି ଚାଲିଥିଲା ତାକୁ । କାକଳିର ଗୁଂଜରଣରେ ଶିହରିଯାଉଥିଲା । ତା'ର ତନୁବଲ୍ଲରୀ । ମଳୟର ସୁଲୁସୁଲିଆ ପବନ ସହ ତାଳ ମିଶାଇ ଗୁଣୁଗୁଣୁ ହେଉଥିଲା ଅନ୍ୟମନସ୍କତାରେ । ନିଜ ସହ ଗପୁଥିଲା, ମନେ ମନେ ହସୁଥିଲା । ନିଜର ପିଲାଳିଆମୀ ଦେଖି ଜୀବନ ପ୍ରତି ଆକୃଷ୍ଟ ହେଉଥିଲା ନମ୍ରତା । ଏତେ ବର୍ଷ ସେ କାଟିଛି ଗୋଟିଏ ଗୋଟିଏ ଯୁଗପରି । କିନ୍ତୁ ହଠାତ୍ କାହାର କୁହୁକୁ ସ୍ପର୍

ଛାତ୍ର କଂଗ୍ରେସ ସଭାପତିଙ୍କ ଦ୍ୱାରା ବାଲେଶ୍ୱର ଜିଲ୍ଲାରେ ରିଲିଫ ବଂଟନ

ଭୁବନେଶ୍ୱର,୩୦/୫ (ନି.ପ୍ର): ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନଓ୍ୱାଜ ଗତକାଲି ବାଲେଶ୍ୱର ଜିଲ୍ଲାର ସୋରୋ, ବାହାନଗା ଓ ଚାନ୍ଦିପୁର ଗସ୍ତକରି 'ୟାସ' କ୍ଷତିଗ୍ରସ୍ତ ଅଂଚଳ ପରିଦର୍ଶନ କରିବାସହ ବନ୍ୟା ଓ ବାତ୍ୟା ପ୍ରଭାବିତ ଲୋକଙ୍କ ସହିତ ଆଲୋଚନା କରିଥିଲେ । ସେଠାରେ ରନ୍ଧାଖାଦ୍ୟ ଓ ଶୁଖିଲାଖାଦ୍ୟ ବଂଟନ କରାଯାଇଥିଲା । ସେ ସବୁ ଅଂଚଳ ପରିଦର୍ଶନ କରିବା ପରେ ଶ୍ରୀ ନଓ୍ୱାଜ କହିଛନ୍ତି ଯେ ସରକାରଙ୍କ ପ୍ରଚାର ଓ ଗ୍ରାଉଣ୍ଡଜିରୋର ବାସ୍ତବତା ,ଭିତରେ ଆକାଶ ପାତାଳ ତଫାତ । ସରକାରୀ କର୍ତ୍ତୃପକ୍ଷ ଏ ପର୍ଯ୍ୟନ୍ତ ୮୦ ପ୍ରତିଶତ ପ୍ରଭାବିତ ଲୋକଙ୍କ ପାଖରେ ପଂହଚି ପାରିନାହାଁନ୍ତି । ମାଛ ଚାଷର ଅସୁମାରୀକ୍ଷତି । କ୍ଷେତରେ ଲୁଣିପାଣି ମାଡ଼ିଯାଇଛି । ଲୋକଙ୍କ ଘର ଭାଙ୍ଗିଯାଇଛ । ଗଛଭାଙ୍ଗି ରାସ୍ତା ବନ୍ଦ । ମାତ୍ର ସରକାର ଯେଉଁଭଳି ପ୍ରଚାର କରୁଛନ୍ତି ତାହା ଦୁଃଖଦାୟକ । କାମନକରି ଏପରି ପ୍ରଚାର କରିବା ଏକ ପ୍ରତାରଣା । ଖୁବଶୀଘ୍ର ଛାତ୍ର କଂଗ୍ରେସ 'ୟାସ' ଜନିତ କ୍ଷୟକ୍ଷତିର ଏକ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବ । ଏହି କାର୍ଯ୍ୟକ୍ରମରେ ବିକାଶ ପଶୁପାଳକ, ଅବିନାଶ ନନ୍ଦ, ବିଶ୍ୱଭୂଷଣ ମହାପାତ୍ର ଓ ଗୌତମ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ୨୪ ଘଂଟିଆ ସହାୟତା ନମ୍ବର ଜାରି

ଭୁବନେଶ୍ୱର,୩୦/୫ (ନି.ପ୍ର): ସଂପ୍ରତି କୋଭିଡ୍-୧୯ ଦ୍ୱିତୀୟ ଲହରରେ ଦୀର୍ଘଦିନ ଧରି ସାରା ଦେଶରେ ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ଭଳି ସ୍ଥିତି ଲାଗି ରହିଥିବାରୁ ବହୁସଂଖ୍ୟାରେ ପ୍ରବାସୀ ନିଜ ନିଜ ଜିଲ୍ଲାକୁ ଫେରି ଆସୁଛନ୍ତି । କଠିନ ପରିସ୍ଥିତି ହେତୁ ଅନେକ ମହିଳା ଏବଂ ବାଳିକା ମଧ୍ୟ ଘରୋଇ ହିଂସାର ଶିକାର ହେବାର ସମ୍ଭାବନା ଅଛି । କୋଭିଡ୍‌ରେ ପିତାମାତା ସଂକ୍ରମିତ ହୋଇ କୋଭିଡ୍ ହସ୍‌ପିଟାଲ୍‌ରେ ଚିକିତ୍ସିତ "ହେଉଥିବା ସମୟରେ ସେମାନଙ୍କ ଶିଶୁମାନେ ମଧ୍ୟ ଅସହାୟ ଅନୁଭବ କରୁଛନ୍ତି ଏବଂ ନିର୍ଯାତନାର "ଶିକାର ହେବାର ଆଶଙ୍କା ରହିଛି । ଏହିଭଳି ଭେଦଭାବ, ହିଂସା ବା ଅସୁବିଧାର ସମ୍ମୁଖୀନ ହେଉଥିବା ମହିଳା ଓ ଶିଶୁଙ୍କ ପାଇଁ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ୨୪ ଘଂଟିଆ ସହାୟତା ନମ୍ବର ଜାରି କରାଯାଇଛି ।୧୦୦/୧୮୧/ ୧୦୯୮ ସହାୟତା ନମ୍ବରରେ ଯୋଗାଯୋଗ କରି ପୀଡିତା ମହିଳା ଓ ଶିଶୁମାନେ ସାହାଯ୍ୟ ପାଇପାରିବେ । ପ୍ରତି ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟରେ ଥିବା ସଖୀ (ୱାନ୍ ଷ୍ଟପ୍ ସେଂଟର)ରେ ମଧ୍ୟ ଯୋଗାଯୋଗ କଲେ ୨୪ ଘଂଟିଆ ନିଃଶୁଳ୍କ ସେବା ଯୋଗାଇ ଦିଆଯିବ । ଘରୋଇ ହିଂସା ବିଷୟରେ ଜଣାଇବା ପାଇଁ ହ୍ୱାଟସ୍‌ଆପ୍ ନମ୍ବର ୭୮୦୫୦୦୬୦୩୯ରେ ବାର୍ତ୍ତା ଦେଇପାରିବେ । ମହିଳା କମିଶନ ସହିତ ଯୋଗାଯୋଗ କରିବା ପାଇଁ ହ୍ୱାଟସ୍‌ଆପ୍ ନମ୍ବର ୮୭୬୩୫୪୩୦୧୩ ଜରି କରାଯାଇଛି । ହିଂସାମୁକ୍ତ ସମାଜ ଗଠନ ଦିଗରେ ମହିଳାମାନେ ଏହି ବ୍ୟବସ୍ଥାର ଉପଯୋଗ କରିବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି ।

ବରିଷ୍ଠ ସାମ୍ବାଦିକ ବସନ୍ତ ଦାସଙ୍କ ବିୟୋଗରେ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷଙ୍କ ଶୋକ

ଭୁବନେଶ୍ୱର,୩୦/୫ (ନି.ପ୍ର): ବରିଷ୍ଠ ସାମ୍ବାଦିକ ତଥା ଭାରତୀୟ ପେଷାଦାର ସାମ୍ବାଦିକ ମହାସଙ୍ଘର ପୂର୍ବତନ ଉପସଭାପତି ବସନ୍ତ ଦାସଙ୍କ ବିୟୋଗରେ ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ତଥା ବିଜୁ ଜନତା ଦଳର ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମା ଶୋକ ପ୍ରକାଶ କରିଛନ୍ତି । ଶ୍ରୀ ଦାସବର୍ମା ଏକ ଶୋକବାର୍ତ୍ତାରେ କହିଛନ୍ତି ଯେ ଏକାଧାରରେ ସେ ଥିଲେ ସାମ୍ବାଦିକ,ସ୍ତମ୍ଭକାର ଓ ସାହିତ୍ୟିକ । ଓଡ଼ିଶା ରାଜନୀତିର ଗୋପନକଥା, ଯେ ଦେଶେ ଯାଇ ସେ ଫଳ ଖାଇ,ଅସୀ ରେ ବସନ୍ତ,ଜାତୀୟ କବି ବୀରକିଶୋର,ଦେଶପ୍ରେମୀ ନିତ୍ୟାନନ୍ଦ କାନୁନଗୋ ଓ କଟକ ନଗର ଧବଳ ଟଗର,ତାଙ୍କ ଦ୍ୱାରା ରଚିତ କାଳଯଇ କୃତି ପାଠକୀୟ ଶ୍ରଦ୍ଧା ଓ ସ୍ୱୀକୃତି ହାସଲ କରିଛି । ଓଡ଼ିଶା ସାହିତ୍ୟ ଏକାଡ଼ମି,ରାଜ୍ୟ ଜନଶିକ୍ଷା ସାଧନା କେନ୍ଦ୍ର,ରାଜୀବ ଗାନ୍ଧୀ ସଦ୍ ଭାବନ ପୁରସ୍କାର ଓ ଶ୍ରେଷ୍ଠ ସାମ୍ବାଦିକ ସମ୍ମାନ ତାଙ୍କ ପଦଚିହ୍ନକୁ ସ୍ୱୀକୃତି ପ୍ରଦାନ କରିଛି । ଦୀର୍ଘ ଅର୍ଦ୍ଧ ଶତାବ୍ଦୀରୁ ଉର୍ଦ୍ଧ୍ୱ ସମୟ ତାଙ୍କର ସମଗ୍ର ଜୀବନ ଓଡ଼ିଆ ଭାଷା,ସାହିତ୍ୟ,ସଂସ୍କୃତି ଓ ସାମ୍ବାଦିକତା ପାଇଁ ସମର୍ପିତ ଥିଲା । ଏହି ଦୁଃଖଦ ସମୟରେ ସେ ସ୍ୱର୍ଗତ ବସନ୍ତ ଦାସଙ୍କର ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ।

ସ୍କୁଲ, କଲେଜ ପାଠ୍ୟକ୍ରମରେ ରହିବ ବିପର୍ଯ୍ୟୟ ଓ ମହାମାରୀ ମୁକାବିଲା ବିଷୟ, ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ସଂକଳ୍ପ ଗୃହୀତ

ଭୁବନେଶ୍ୱର ,୩୦/୫ (ନି.ପ୍ର): ରାଜ୍ୟରେ ନବୀନ ପଟ୍ଟନାୟକ ସରକାରଙ୍କ ୫ମ ପାଳିର ୨ ୟ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ମନ୍ତ୍ରୀ ପରିଷଦ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଏଣିକି ସ୍କୁଲ ଓ କଲେଜ ପାଠ୍ୟକ୍ରମରେ ବିପର୍ଯ୍ୟୟ ଓ ମହାମାରୀ ମୁକାବିଲା ବିଷୟ ରହିବ । ଛାତ୍ରଛାତ୍ରୀମାନଙ୍କୁ ବିପର୍ଯ୍ୟୟ ମୁକାବିଲା ଓ ମହାମାରୀ ସମ୍ପର୍କରେ ତାଲିମ ଦିଆଯିବ । ସରକାରୀ ଚାକିରି ପାଇଁ ଏହା ବାଧ୍ୟତାମୂଳକ ରହିବ । ଏହା ସହିତ ଲୋକପ୍ରତିନିଧି, ସରକାରୀ ଅଧିକାରୀ ଓ ମିଶନ ଶକ୍ତି ସଦସ୍ୟମାନେ ବି ତାଲିମ ନେବେ ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଏହି ବୈଠକ ପରେ ସୂଚନା ଦେଇଛନ୍ତି । ଏହା ଭବିଷ୍ୟତ ବଂଶଧରମାନଙ୍କୁ ସଶକ୍ତ କରିବ ବୋଲି ମତ ପ୍ରକାଶ ପାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଥିଲା ।

ରବି ଧାନକିଣା ବିକାରେ ବ୍ୟାପକ ଅବ୍ୟବସ୍ଥା ମାମଲାରେ ସ୍ୱଷ୍ଟୀକରଣ ମାଗିଲା ବିଜେପି

ଧାନ ବିକ୍ରି ପାଇଁ ତୁରନ୍ତ ସମୀକ୍ଷା ବୈଠକ ଡାକନ୍ତୁ ମୁଖ୍ୟମନ୍ତ୍ରୀ : ପ୍ରଦୀପ ପୁରୋହିତ

ଭୁବନେଶ୍ୱର,୩୦/୫ (ନି.ପ୍ର): ଗତ ମେ ୫ ତାରିଖରୁ ରବି ଧାନ କ୍ରୟ ପାଇଁ ରାଜ୍ୟରେ ମଣ୍ଡି ବ୍ୟବସ୍ଥା ଚାଲୁ ହୋଇଥିବାବେଳେ ଧାନ କିଣାବିକା ଆରମ୍ଭରୁ ବ୍ୟାପକ ଅବ୍ୟବସ୍ଥା ଦେଖା ଦେଇଛି । ଏହି କାରଣରୁ ଅନ୍ୟ କୌଣସି ଉପାୟ ନପାଇ ବର୍ତମାନ ଖୋଲା ବଜାରରେ ମାତ୍ର ୧୦୦୦ ଟଙ୍କା ପ୍ରତି କ୍ୱିଂଟାଲରେ ଧାନ ବିକ୍ରୀ କରିବା ପାଇଁ ଚାଷୀ ବାଧ୍ୟ ହେଉଛି ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ଶ୍ରୀ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି । ରାଜ୍ୟ ସରକାର ଯେତେ ଚାଷୀଙ୍କୁ ଧାନ ବିକ୍ରି ପାଇଁ ଟୋକନ ଯୋଗାଇ ଦେଇଥିଲେ, ତନ୍ମ ମଧ୍ୟରୁ ପାଖାପାଖି ୧୦ ରୁ ୨୦ ପ୍ରତିଶତ ଭାଗଚାଷୀଙ୍କ ଟୋକନ ଲାପସ୍ ହୋଇ ସାରିଲାଣି । ମିଲର୍ସମାନଙ୍କ ଉପରେ ରାଜ୍ୟସରକାରଙ୍କ ନିୟନ୍ତ୍ରଣ ନଥିବାରୁ ମିଲର୍ସମାନେ ନିଜ ଇଚ୍ଛା ମୁତାବକ ମଣ୍ଡିରୁ ଧାନ ଉଠାଉଛନ୍ତି ଏବଂ ପ୍ରତି କ୍ୱିଂଟାଲରେ ୫ ରୁ ୬ କେଜି ଧାନ କଟନି ଛଟନି କରୁଛନ୍ତି । ଧାନ ସରକାର କିଣୁଛନ୍ତି ନା ମିଲର୍ସ କିଣୁଛନ୍ତି ବୋଲି ଚାଷୀଙ୍କ ମନରେ ଦ୍ୱନ୍ଦ ସୃଷ୍ଟି ହୋଇଛି । ଚାଷୀକୁଳର ବୃହତ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ସରକାର ଏହି ଦ୍ୱନ୍ଦକୁ ଦୂର କରିବା ପାଇଁ ସ୍ୱଷ୍ଟୀକରଣ ଦେବାକୁ ଶ୍ରୀ ପୁରୋହିତ ଦାବୀ କରିଛନ୍ତି । ଟୋକନ ବ୍ୟବସ୍ଥାରେ ବ୍ୟାପକ ଅନିୟମିତତା ଦେଖା ଦେଇଛି । ଡିପ୍ ବୋରଓ୍ୱେଲରେ ଚାଷୀ କରୁଥିବା ଚାଷ ଅଢେଇ ଏକର ଜମିର ଧାନ ୬୪ କ୍ୱିଂଟାଲ କିଣିବା ପାଇଁ ରାଜ୍ୟ ସରକାର ନିଷ୍ପତି ନେଇଥିବାବେଳେ ୮୦ ପ୍ରତିଶତ ଡିପ୍ ବୋରଓ୍ୱେଲ ଚାଷୀଙ୍କ ଟୋକନରେ ବ୍ୟାପକ ଅବ୍ୟବସ୍ଥା ହୋଇଛି । ସରକାର ଚାଷୀଙ୍କୁ ଯୋଗାଇ ଦେଇଥିବା ଟୋକନରେ ୧ କ୍ୱିଂଟାଲ, ୨ କ୍ୱିଂଟାଲ, ୫ କ୍ୱିଂଟାଲ ଧାନ ବିକ୍ରି ପାଇଁ ଚିଠି ଆସିଥିବାରୁ ଚାଷୀମାନେ ହତାଶ ହୋଇ ପଡିଛନ୍ତି । ବରଗଡ, ବଲାଙ୍ଗୀର, ସୋନପୁର, କଳାହାଣ୍ଡି, କେନ୍ଦୁଝର, ନୂଆପଡା ଆଦି ବହୁ ଜିଲ୍ଲାରେ ଚାଷୀ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଚାଷୀଙ୍କୁ କାଳିଆ ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରି "ଆପଣମାନେ ଖୁସି ତ !" କହି ଚାଷୀଙ୍କୁ ଓଡିଶାର ମୁଖ୍ୟମନ୍ତ୍ରୀ "ଏପ୍ରିଲ ଫୁଲ୍" କରି ଦେଲେ ବୋଲି ଶ୍ରୀ ପୁରୋହିତ କ୍ଷୋଭ ପ୍ରକାଶ କରିଛନ୍ତି । ୟଶ୍ ବାତ୍ୟା ଟଳିଯିବା ପରେ ବର୍ତମାନ ଚାଷୀମାନଙ୍କ ଧାନ ବିକ୍ରି ମୁଖ୍ୟ ସମସ୍ୟା ହୋଇ ରାଜ୍ୟରେ ଠିଆ ହୋଇଛି । ଯଦି ପ୍ରକୃତରେ ଚାଷୀପ୍ରତି ଓଡିଶା ସରକାରଙ୍କ ଦରଦ ଅଛି, ତେବେ ମୁଖ୍ୟମନ୍ତ୍ରୀ ଖାଦ୍ୟ ଯୋଗାଣ ବିଭାଗର ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକ କରନ୍ତୁ ଏବଂ ଧାନ କିଣାବିକାରେ ଶୋଷିତ ଚାଷୀଙ୍କୁ ଏଥିରୁ ସୁରକ୍ଷା ଦେବାର ବ୍ୟବସ୍ଥା କରିବାକୁ ଶ୍ରୀ ପୁରୋହିତ୍ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବୀ କରିଛନ୍ତି ।

ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁର୍ ଗୋନାସିକା ଜୁଆଙ୍ଗ ଜନଜାତିଙ୍କ ଜୀବନଶୈଳୀ ଓ ସଂସ୍କୃତି

ଭୁବନେଶ୍ୱର,୩୦/୫ (ନି.ପ୍ର): ମହାମାରୀ କରୋନାର ଦ୍ୱିତୀୟ ସଂକ୍ରମଣ ଭୟଙ୍କର ରୂପ ନେଇଛି । ଏହି ପରିପ୍ରେକ୍ଷୀରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ଏସ୍‌ସି ଏସ୍‌ଟି ଆ ର ଟି ଆ ଇ ପରିସରରେ ଥିବା ଜନଜାତି ସଂଗ୍ରହାଳୟ ପର୍ଯ୍ୟଟକମାନଙ୍କ ନିମନ୍ତେ ବନ୍ଦ ରହିଛି । ବିଭାଗ ପକ୍ଷରୁ ଭର୍ଚୁଆଲ ମୋଡ୍‌ରେ ପ୍ରତି ରବିବାର ଦିନ ସଂଗ୍ରହାଳୟକୁ ବୁଲିବାର ବ୍ୟବସ୍ଥା କରାଯାଇଛି । ମଇ ୩୦ ତାରିଖ ଦିନ ଦର୍ଶକମାନେ ଫେସ୍‌ବୁକ୍ ଓ ଟୁଇଟର ପେଜ୍ ଖୋଲି ଜୁଆଙ୍ଗମାନଙ୍କର ଜୀବନଶୈଳୀ ଓ ସଂସ୍କୃତି ସଂପର୍କରେ ଜାଣିପାରିବେ ବୋଲି ଏସ୍‌ସିଏସ୍‌ଟିଆରଟିଆର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓଡା ପ୍ରକାଶ କରିଛନ୍ତି । ଓଡ଼ିଶାର ଆଦିମ ଜନଜାତିଙ୍କ ମଧ୍ୟରେ ଜୁଆଙ୍ଗ ଅନ୍ୟତମ । ମୁଖ୍ୟତଃ ସେମାନେ କେଉଁଝର ଓ ଢେଙ୍କାନାଳ ଜିଲ୍ଲାରେ ବସବାସ କରିଥା'ନ୍ତି । ସେମାନେ କୃଷି, ପୋଡୁଚାଷ, ଶିକାର ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିଥାନ୍ତି । ଅତୀତରେ ସେମାନେ ପତ୍ର ପରିଧାନ କରୁଥିବାରୁ ସେମାନଙ୍କୁ 'ପାଟୁଆ' କୁହାଯାଉଥିଲା । ଦୁଇ ପ୍ରକାରର ଜୁଆଙ୍ଗଙ୍କ ମଧ୍ୟରେ ପାହାଡ଼ି ଜୁଆଙ୍ଗମାନେ କେଉଁଝର ଓ ପାଲଲହଡ଼ାର ପାର୍ବତ୍ୟାଂଚଳରେ ରହୁଥିବାବେଳେ ଅନ୍ୟମାନେ ଢେଙ୍କାନାଳ ଓ କେଉଁଝର ଜିଲ୍ଲାର ସମତଳ ଅଂଚଳରେ ବାସ କରିଥା'ନ୍ତି । ପାର୍ବତ୍ୟାଂଚଳରେ ରହୁଥିବା ଜୁଆଙ୍ଗମାନେ ଏବେ ମଧ୍ୟ ପୋଡୁଚାଷ କରୁଥିବାବେଳେ ସମତଳିଆ ଅଂଚଳରେ ବାସ କରୁଥିବା ଜୁଆଙ୍ଗମାନେ ବିଶେଷତଃ କୃଷି ଉପରେ ନିର୍ଭରଶୀଳ । କେଉଁଝରର ଗୋନାସିକା ପର୍ବତମାଳାର ଜୁଆଙ୍ଗ 'ପିଢ଼'କୁ ଏହି ଜନଜାତି ସେମାନଙ୍କର ଜନ୍ମଭୂମି ଭାବେ ଗ୍ରହଣ କରିଥା'ନ୍ତି । ଏହି ଅଂଚଳର ଜୁଆଙ୍ଗ ଥାନିଆ (ମୂଳ ଅଧିବାସୀ) ନାମରେ ନାମିତ । ଯେଉଁ ଜୁଆଙ୍ଗ ଜନଜାତିମାନେ କେଉଁଝର ଓ ଢେଙ୍କାନାଳ ଜିଲ୍ଲାରେ ବାସ କରୁଛନ୍ତି ସେମାନେ 'ଭାଗୁଡ଼ିଆ' ନାମରେ ପରିଚିତ । ଜୁଆଙ୍ଗ 'ପିଢ଼'କୁ ୪ଟି ଭାଗ ଯଥା ସାତଖଣ୍ଡ, ଝାରଖଣ୍ଡ, କାଠୁଆ ଓ ରେବେନା ଭାବେ ବିଭକ୍ତ କରାଯାଇଥାଏ । ପ୍ରତ୍ୟେକ 'ପୀଢ଼' ଜଣେ ମୁଖ୍ୟ ସର୍ଦ୍ଦାରଙ୍କ ଦ୍ୱାରା ପରିଚାଳିତ ହୋଇଥାଏ । ଜୁଆଙ୍ଗ ସମାଜର ମୁଖ୍ୟ ହେଉଛି ସେମାନଙ୍କର ପାରମ୍ପରିକ ଡରମିଟୋରୀ, ମଜାଙ୍ଗ କିମ୍ବା ମନ୍ଦାଘର । ମଜାଙ୍ଗ ସମ୍ମୁଖରେ ଯୁବକ ଓ ଯୁବତୀମାନେ ନୃତ୍ୟ, ଗୀତ ପରିବେଷଣ କରିଥା'ନ୍ତି । 'ମଜାଙ୍ଗ' ହେଉଛି ଏକ ଚତୁର୍ଭୁଜାକାର ଗୃହ, ଯାହାକି ଗ୍ରାମର କେନ୍ଦ୍ର ଭାଗରେ ରହିଥାଏ ।

ଲୋକଙ୍କ ନିକଟରେ ରାଜସ୍ୱ ସେବାର ସଫଳ ନିଦର୍ଶନ : ରାଜସ୍ୱ ରଥ

ଭୁବନେଶ୍ୱର,୩୦/୫ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ସଦୟ ନିର୍ଦ୍ଦେଶରେ ୫-'ଟି' କାର୍ଯ୍ୟକ୍ରମ ଅନୁଯାୟୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅନେକ ଜନକୈନ୍ଦ୍ରିକ ସେବା ପ୍ରଦାନର ସୁବନ୍ଦୋବସ୍ତ କରିଆସୁଛି । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନାଗରିକମାନଙ୍କୁ ସୁବିଧାରେ ଜନସେବା ଯୋଗାଇଦେବା ପାଇଁ ସରକାରଙ୍କ ଗୁରୁତ୍ୱକୁ ବିଭାଗ ପ୍ରାଥମିକତା ଦେଇଆସିଛି । ବିବିଧ ରାଜସ୍ୱ ସେବା ଯଥା: ଦାଖଲଖାରଜ ମାମଲା ଓ ପ୍ରମାଣପତ୍ର ସେବାଗୁଡ଼ିକୁ ସଂପୂର୍ଣ୍ଣ ଭାବେ ଅନ୍‌ଲାଇନ୍‌ରେ କରାଯାଉଛି । କିନ୍ତୁ ଇଂଟରନେଟ୍ ସୁବିଧା ନଥିବା କିମ୍ବା ଡିଜିଟାଲ୍ ସାକ୍ଷରତା ରହିତ ବ୍ୟକ୍ତିମାନେ ରାଜସ୍ୱ କାର୍ଯ୍ୟାଳୟ କିମ୍ବା ମୋ ସେବା କେନ୍ଦ୍ରକୁ କାର୍ଯ୍ୟ ପାଇଁ ଯାଉଛନ୍ତି । କୋଭିଡ୍ -୧୯ ମହାମାରୀ ସମୟରେ ସରକାରୀ କାର୍ଯ୍ୟାଳୟକୁ କିମ୍ବା ଅନ୍ୟ କେନ୍ଦ୍ରକୁ ଲୋକମାନେ ନଆସି ନିରବଚ୍ଛିନ୍ନ ଭାବେ ରାଜସ୍ୱ ସେବା ପାଇବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀଙ୍କ ସମୟୋପଯୋଗୀ ତଥା ଅଭିନବ ପଦକ୍ଷେପ ସ୍ୱରୂପ 'ରାଜସ୍ୱ ରଥ' ମାଧ୍ୟମରେ ସେବା ବିତରଣ କାର୍ଯ୍ୟକ୍ରମ ଚଳିତ ମାସ ଗତ ୧୩ ତାରିଖରେ ଶୁଭାରମ୍ଭ କରାଯାଇଥିଲା । ବିଗତ ଦୁଇ ସପ୍ତାହ ଲକ୍‌ଡାଉନ୍ ମଧ୍ୟରେ ଏହି କାର୍ଯ୍ୟକ୍ରମ ରାଜ୍ୟର ପ୍ରାୟ ୨୦ଟି ଜିଲ୍ଲାର ୧୨୮ରୁ ଉର୍ଦ୍ଧ୍ୱର୍ ତହସିଲରେ ସଫଳତାର ସହ ଆରମ୍ଭ କରାଯାଇପାରିଛି । ସହସ୍ରାଧିକ ହିତାଧିକାରୀ ଏହା ଦ୍ୱାରା ଲାଭବାନ ହୋଇଛନ୍ତି । ଉଦାହରଣ ସ୍ୱରୂପ କଳାହାଣ୍ଡି ଜିଲ୍ଲାର ଜୟପାଟଣା ତହସିଲରେ ସପ୍ତାହକ ମଧ୍ୟରେ ଉପକୃତ ହୋଇଛନ୍ତି ୨୧୪ ଜଣ ହିତାଧିକାରୀ । ସେମାନ ଙ୍କ ମଧ୍ୟରୁ ୧୦୦ ଜଣଙ୍କୁ 'ବସୁନ୍ଧରା' ତଥା ଘରଡିହ ଆଦି ବିବିଧ ପଟ୍ଟା ବଂଟନ କରାଯାଇଥିବାବେଳେ ୨୫ ଜଣଙ୍କୁ ପଟ୍ଟା ନକଲ ତଥା ୮୯ ଜଣଙ୍କୁ ଜାତିଗତ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଆଇନଗତ ଉତରାଧିକାରୀ ପ୍ରମାଣପତ୍ର ଆଦି ବିବିଧ ପ୍ରମାଣପତ୍ର ବଂଟନ କରାଯାଇଥିଲା । ନିକଟରେ ଏହି ସେବା ସମଗ୍ର ରାଜ୍ୟରେ ଉପଲବ୍ଧ କରାଇବାର ଲକ୍ଷ୍ୟ ରଖାଯାଇଛି । ଲୋକଙ୍କ ନିକଟରେ ପହଂଚି 'ରାଜସ୍ୱ ରଥ' ମାଧ୍ୟମରେ କମ୍ପ୍ୟୁଟର ଓ ଇଂଟରନେଟ୍ ଦ୍ୱାରା ବିଭିନ୍ନ ସେବା ନିମନ୍ତେ ଅନ୍‌ଲାଇନ୍ ଆବେଦନଠାରୁ ଆରମ୍ଭ କରି ଦାଖଲଖାରଜ ମାମଲା, କିସମ ପରିବର୍ତ୍ତନ ମାମଲାର ସମାଧାନ, ପଟ୍ଟା ଓ ବିବିଧ ପ୍ରମାଣପତ୍ର ବଂଟନ ଆଦି ରାଜସ୍ୱ ସେବା ଯୋଗାଇବା ଦ୍ୱାରା ସରକାରୀ କାର୍ଯ୍ୟାଳୟ ସହିତ ଜନସାଧାରଣଙ୍କର ପ୍ରତ୍ୟକ୍ଷ ଯୋଗାଯୋଗକୁ ହ୍ରାସ କରାଯାଇପାରିଛି । କୋଭିଡ୍-୧୯ ମହାମାରୀ କୋପରୁ ଜନସାଧାରଣ, କର୍ମଚାରୀଙ୍କ ସୁରକ୍ଷା ପାଇଁ ରାଜସ୍ୱ କାର୍ଯ୍ୟାଳୟରେ ଜନସାଧାରଣଙ୍କ ପ୍ରବେଶ ବାରଣ ନିର୍ଦ୍ଦେଶନାମାର ପାଳନ କରାଯାଇପାରୁଛି । କୋଭିଡ୍-୧୯ ମହାମାରୀ ବିପଦ ସମୟରେ ରାଜସ୍ୱ ସେବା ବିତରଣର ଏହି ଅଭିନବ ଉପାୟ ଜନସାଧାରଣଙ୍କ ଦ୍ୱାରା ବହୁଳ ଭାବେ ଆଦୃତ ହେବାରେ ଲାଗିଛି ।

ବର୍ଷକ ଭିତରେ ଆଗପଛ ହୋଇ ଚାଲିଗଲେ ବାପା-ମା' : ପାଠପଢ଼ା ବୟସରେ ବଞ୍ଚିବାକୁ ସଂଘର୍ଷ କରୁଛନ୍ତି ଭାଇଭଉଣୀ

ଭୁବନେଶ୍ୱର ,୩୦/୫ (ନି.ପ୍ର): ଆହୁମତି ପହରିଆ (୧୨), ସାନଭାଇ ପଣ୍ଡିତ ପହରିଆ (୫) । ଏହି ଭାଇଭଉଣୀଙ୍କ ପାଇଁ ଦଇବ ଯେ ଏତେ ନିଷ୍ଠୁର ହୋଇଯିବ, ତାହା କେହି କେବେ କଳ୍ପନା ବି କରି ନଥିଲେ । ବର୍ଷକ ଭିତରେ ଆଗପଛ ହୋଇ ଆରପାରିକୁ ଚାଲିଗଲେ ବାପା, ମା' । ସାହା ବୋଲି କହିଲେ ଗାଁରେ ରହୁଥିବା ଏକମାତ୍ର ପିଉସୀ । ନିଜ ଘରେ ପିଲାଦ୍ୱୟଙ୍କୁ ଆଶ୍ରୟ ଦେଇଛନ୍ତି । ଦିନକୁ ଦୁଇଓଳି ଖାଇବାକୁ ଦେବା ସହ ସେମାନଙ୍କ ଆନୁଷଙ୍ଗିକ ଆବଶ୍ୟକତା ମଧ୍ୟ ପୂରଣ କରିବାକୁ ଚେଷ୍ଟା କରୁଛନ୍ତି । କିନ୍ତୁ ସେଥିରେ ପିଲାଦ୍ୱୟଙ୍କ ମନ ବୁଝୁନି । ବାପା, ମା'ଙ୍କ ମୁହଁ ତାଙ୍କ ଆଖି ଆଗରେ ସବୁବେଳେ ନାଚି ଯାଉଛି । ଏମିତିକି ବାପା, ମା'ଙ୍କ ସ୍ମୃତି ସେମାନଙ୍କୁ ତାଙ୍କ ପୁରୁଣା ଚାଳକୁଡ଼ିଆ ଘରକୁ ଟାଣି ନେଉଛି । ଘଣ୍ଟା ଘଣ୍ଟା ଧରି ସେହି କୁଡ଼ିଆ ଘରେ ବସି ରହି ଭାଇଭଉଣୀ ଆଖିରୁ ଲୁହ ଗଡ଼ାଉଛନ୍ତି । ସାନଭାଇ ପଣ୍

ପରଲୋକରେ ଗାୟକ ସମ୍ରାଟ୍ ପ୍ରହ୍ଲାଦ ସାହୁ

ଭୁବନେଶ୍ୱର,୩୦/୦୫ (ନି.ପ୍ର): ପାଲା ଜଗତରେ ଏକ ଯୁଗର ଅବସାନ । ବର୍ଷୀୟାନ ପାଲା କଳାକାର, ଗାୟକ ସମ୍ରାଟ୍ ପ୍ରହ୍ଲାଦ ସାହୁଙ୍କର ଆଜି ପରଲୋକ ଘଟିଛି । ୮୫ ବର୍ଷ ବୟସରେ ଖୋର୍ଦ୍ଧା ସାରୁଅ ସ୍ଥିତ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଗତ କିଛି ଦିନ ଧରି ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ । କୋଭିଡ୍ ଗାଇଡ୍ ଲାଇନ ଭିତରେ ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ପ୍ରହ୍ଲାଦ ସାହୁ ଶେଷ ଜୀବନ ପର୍ଯ୍ୟନ୍ତ ପାଲାରେ ସକ୍ରିୟ ଥିଲେ । ୧୯୩୫ ମସିହା ରାମ ନବମୀ ତିଥିରେ ଖୋର୍ଦ୍ଧା ଜିଲ୍ଲା ସାରୁଅ ଗାଁରେ ଜନ୍ମ ଗ୍ରହଣ କରିଥିଲେ ପ୍ରହଲ୍ଲାଦ ସାହୁ । ବାପା ଲୋକନାଥ ସାହୁ ଓ ମାଆ ଧୋବଲି ସାହୁଙ୍କ ପୁଅ ପ୍ରହ୍ଲାଦ ଦିନେ ଜଣେ ବିଶିଷ୍ଟ କଳାକାର ହେବେ ତାହା ପିଲାଟି ଦିନରୁ ଜଣା ପଡ଼ିଥିଲା । ସେ ଥିଲେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ, ତାଙ୍କ ଜ୍ଞାନକୁ ବୁଦ୍ଧିମନ୍ତ କରିଥିଲା ପାଠପଢ଼ିବାର ପ୍ରଚଣ୍ଡ ଆଗ୍ରହ । ସେ ଗୋଟିଏ ଗୋଟିଏ କାବ୍ୟ ସଂପୂର୍ଣ୍ଣ ମୁଖସ୍ତ କରିଦେଉଥିଲେ । ପ୍ରଖ୍ୟାତ ପାଲା ଗାୟକ ବିଶ୍ୱନାଥ ପଟ୍ଟଯୋଶୀଙ୍କ ଶିଷ୍ୟ ଥିଲେ ପ୍ରହଲ୍ଲାଦ ସାହୁ । ପାଲା ଜଗତରେ ସେ ସବୁଠାରୁ ଅଧିକ କାବ୍ୟ, ନାଟକ ମୁଖସ୍ତ କରିଥିଲେ । ରଘୁବଂଶ, କୁମାର ସମ୍ଭବମ୍, ଅଭିଜ୍ଞାନ ଶାକୁନ୍ତଳମ୍ଆଦି ତାଙ୍କ ମୁହଁରେ ରହିଥିଲା । ମାଘ, ଶ୍ରୀହର୍ଷ, ଭାରବୀ, ତୁଳସୀ ଦାସ, ଅନନ୍ତ ଭଟ୍ଟ, ବିଶ୍ୱନାଥ ବର୍ମା, ଶେଷକୃଷ୍ଣ, କୁମାର ଦାଶ, ଦୁର୍ଗାପ୍ରସନ୍ନ ଦ୍ୱିବେଦୀ ପ୍ରମୁଖ ସଂସ୍କୃତ ଓ ହିନ୍ଦି କବିଙ୍କ କାବ୍ୟରୁ ବିଭିନ୍ନ ପଦ୍ୟ ସେ ପାଲାରେ ପରିବେଷଣ କରୁଥିଲେ । ଓଡ଼ିଆ ସାହିତ୍ୟରେ ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ, ଯଦୁମଣି, ଗଙ୍ଗାଧର, ରାଧାନାଥଙ୍କଠାରୁ ପଞ୍ଚସଖାଯୁଗୀୟ ସାହିତ୍ୟରେ ବି ତାଙ୍କର ବେଶ୍ ଦଖଲ ରହିଥିଲା । କୌଣସି ଶ୍ଳୋକ, ପଦ୍ୟ ଦ୍ୱିତୀୟ ଥର ବ୍ୟବହାର ନକରି ୫୦ ରାତିରୁ ଅଧିକ ପାଲା ପରିବେଷଣ କରିବାର କ୍ଷମତା ରହିଥିଲା ପ୍ରହ୍ଲାଦ ସାହୁଙ୍କ ପାଖରେ । ରାଜ୍ୟର କୋଣ ଅନୁକୋଣରେ ପାଲା ପରିବେଷଣ କରି ସେ ଅନେକ ପୁରସ୍କାର, ମାନପତ୍ର ଏବଂ ଉପାଧି ପାଇଥିଲେ ।

ଅଚିହ୍ନା ମହିଳାଙ୍କ ଶବ ଉଦ୍ଧାର

ବାଲିଆପାଳ,୩୦/୦୫ (ନି.ପ୍ର): ବାଲିଆପାଳ ଥାନା ବାଲିକୁଟୀ ପଂଚାୟତ ମାନନ୍ଧା ବଜାର ନିକଟରୁ ଆଜି ସକାଳେ ଜଣେ ଅଚିହ୍ନା ମହିଳାଙ୍କ ମୃତ ଶରୀର ଉଦ୍ଧାର ହୋଇଛି । ମହିଳାଙ୍କ ଆନୁମାନିକ ବୟସ ୪୦ରୁ ୪୫ ବର୍ଷ ବୟସ ହୋଇଥିବା ଅନୁମାନ କରାଯାଉଥିବା ବେଳେ ତାଙ୍କର ପରିଚୟ ମିଳିପାରିନାହିଁ । ବାଲିଆପାଳ ପୁଲିସ ଶବ ଜବଦ କରି ଆସନ୍ତା କାଲି ଶବବ୍ୟବଚ୍ଛେଦ ପାଇଁ ସଂଗ୍ରକ୍ଷିତ ରଖାଇଯାଇଛି । ଶବବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୁଲିସ କହିଛି ।

ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଦିବସବ୍ୟାପି କାର୍ଯ୍ୟକ୍ରମ

ଜଳେଶ୍ୱର,୩୦/୫ (ନି.ପ୍ର) : କେନ୍ଦ୍ରରେ ବିଜେପି ସରକାରର ଦ୍ୱିତୀୟ ପାଳିର ଦ୍ୱିତୀୟ ବର୍ଷରେ କେନ୍ଦ୍ରୀୟ ସଭାପତି ଜେପି ନଡ୍ଡାଙ୍କ ଆହ୍ୱାନ କ୍ରମେ ସେବାହିଁ ସଂଗଠନ ଜରିଆରେ ଜଳେଶ୍ୱର ବିଜେପି ଯୁବମୋଚ୍ଚା ପକ୍ଷରୁ ଦିବସ ବ୍ୟାପି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଥାନା, ରେଳ ଷ୍ଟେସନ, ଜିକେଭଟ୍ଟର ହସ୍‌ପିଟାଲ ଇତ୍ୟାଦିକୁ ସାନିଟାଇଜ୍ କରିବା କରିବା ସହିତ ରୋଗୀମାନଙ୍କୁ ଶୁଖିଲା ଖାଦ୍ୟ, ମାସ୍କ ବଣ୍ଟନ କରାଯାଇଥିଲା । ଶାନ୍ତିଆ ଷ୍ଟାଡିୟମରେ କୋଭିଡ୍ ଗାଇଡଲାଇନ୍ ଅନୁଯାୟୀ ସ୍ୱୟଂ ସହାୟିକା ଗୋଷ୍ଠୀରା ମହିଳାମାନଙ୍କୁ କୋଭିଡ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହା ସହିତ ରାଇବଣିଆ ଭାଜପା ପକ୍ଷରୁ ହାତୀଗଡ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ ସହିତ ବୃକ୍ଷରୋପଣ କରିଥିଲେ । ଏଥିରେ ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ମନୋଜ ସାସମଲ, ସୁବ୍ରତ ଘୋଷ, ରବୀନ୍ଦ୍ର ପାତ୍ର, ଜନ୍ମୟ ଚନ୍ଦ, ରାଜୀବ ଘୋଷ, ରଂଜନ ପାତ୍ର, ରାମକୃଷ୍ଣ ସାହୁ, ଅଂଜନ ଦାସ, ରାଜୀବ ଜେନା, ଗୌରୀଶଂକର ଜଳେଇ, ସେକ୍ ସୁଲତାନ, ଭଗୀରଥ ଅଣ୍ଡିଆ, ସାବିତ୍ରୀ ଜେନା, ସୁମିତ ରଣା, କିରଣ ଜେନା, ସୌରୀଶଂକର ରଣା, ସଂଜୀବ ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

ବାତ୍ୟା ବେଳେ ମହିଳାଙ୍କ ଘରୁ ଚୋରି

ବାଲିଆପାଳ,୩୦/୦୫ (ନି.ପ୍ର): ବାତ୍ୟା ୟାସ ବେଳେ ସମଗ୍ର ବାଲିଆପାଳ ବାସୀ ଯେତେ ବେଳେ ସଂଘର୍ଷ କରୁଥିଲେ । ସେତେ ବେଳେ ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଥିବା ଜଣେ ମହିଳାଙ୍କ ଘରୁ ସୁନା ଗହଣା ସମେତ ନଗଦ ଟଙ୍କା ଚୋରି ହୋଇଥିବା ବାଲିଆପାଳ ଥାନାରେ ଅଭିଯୋଗ ହୋଇଛି । ପ୍ରାପ୍ତ ବିବରଣୀରୁ ପ୍ରକାଶ ଯେ ଅସ୍ତି ପଂଚାୟତ ବଡାପାଳ ଗ୍ରାମର ବାସନ୍ତୀ ମାସନ୍ତ ସ୍ୱାମୀ ରାମଚନ୍ଦ୍ର ମାସନ୍ତ ୨୪ ତାରିଖ ବାତ୍ୟା ସମୟରେ ନିଜର ଟିଣ ଛପର କଚା ଘରେ ଚାବି ପକାଇ ଘରଠାରୁ ୫୦ ମିଟର ଦୂରରେ ଥିବା ସର୍ଦାସାହି ଉପ୍ରା ବିଦ୍ୟାଳୟରେ ନିଜ ପରିବାର ସହ ଆଶ୍ରୟ ନେବା ପାଇଁ ଯାଇଥିଲେ । ବାତ୍ୟା ଛାଡିବା ପରେ ଘରକୁ ଫେରି ଚାବି ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ । ଘର ଭିତରକୁ ପ୍ରବେଶ କରି ଦେଖିଲେ ଯେ ଟିଣ ବାକ୍ସର ଚାବି ଭଙ୍ଗା ଯାଇ ସେଥିରେ ନିକଟରେ ନିଜର ବିବାହିତ ଝିଅର ସମସ୍ତ ଗହଣାପତ୍ର ଓ ନଗଦ ୧୫ ହଜାର ୭୦୦ ଟଙ୍କା ଚୋରି ହୋଇଛି । ଏହି ଘଟଣା ପରେ ବାସନ୍ତୀ ମାନସିକ ଭାବରେ ବହୁ ଭାଙ୍ଗି ପଡିଛନ୍ତି । ଶନିବାର ବାଲିଆପାଳ ଥାନାରେ ଲିଖିତ ଏତଲା ଦେବା ପରେ ପୁଲିସ ଘଟଣାର ତଦନ୍ତ କରୁଛି ।

ଆଦର୍ଶ ପ୍ରଧାନ ଶିକ୍ଷକଙ୍କ ପରଲୋକ

ବାଲିଆପାଳ,୩୦/୦୫ (ନି.ପ୍ର): ମଧୁପୁର। ପଂଚାୟତ ଉଦୟନାରାୟଣ ହାଇସ୍କୁଲ ହାସିମପୁରର ଆଦର୍ଶ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ପାତ୍ର(୫୯)ଙ୍କ ଭୁବନେଶ୍ୱର କେୟାର ହସପିଟାଲରେ ଆଜି ସନ୍ଧ୍ୟାରେ ପରଲୋକ ହୋଇଯାଇଛି । ଗତ ମେ ୪ ତାରିଖରେ ବ୍ରେନଷ୍ଟୋକ ଆଘତରେ ପୀଡିତ ହେବା ପରେ ସେ କେୟାର ହସପିଟାଲରେ ଚିକିତ୍ସିତ ହେଉଥିଲେ । ୧୯୮୩ ମସିହାରେ ଉଦୟ ନାରାୟଣ ହାଇସ୍କୁଲ ପ୍ରତିଷ୍ଠା ହେବା ଦିନଠାରୁ ସେ ଏଠାରେ ଶିକ୍ଷକତା କରିଆସୁଥିଲେ । ପରେ ପ୍ରମୋସନ ପାଇଁ ପ୍ରଧାନ ଶିକ୍ଷକ କାର୍ଯ୍ୟ ଭାବରେ ତୁଲାଉଥିଲେ । ଜଣେ ଛାତ୍ର ବତ୍ସଳ ଆଦର୍ଶ ଶିକ୍ଷକ ଭାବେ ତାଙ୍କର ବେଶ ସୁନାମ ରହିଥିଲା । ତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ସରପଞ୍ଚ ମୁରଳୀ ମୋହନ ସାହୁ, ନିଳାମ୍ବର ସାହୁ, ପିତାମ୍ବର ସାହୁ, ଜଗନ୍ନାଥ ମହାନ୍ତି, ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି, ସାମ୍ବାଦିକ ରାଧାକୃଷ୍ଣ ସାହୁ, ଅଜୟ ସାହୁ, ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ରାଉତ, ପୂରାତନ ଛାତ୍ର ସଂସଦର ସଭାପତି ଶୁଭେନ୍ଦୁ ଦାସ, ନିତ୍ୟ ଗୋପାଳ ସାହୁ, ବ୍ୟୋମକେଶ ସାହୁ, ପ୍ରତାପ ପାତ୍ର, ଇନ୍ଦ୍ରଜିତ ଜେନା, ସରୋଜ ପିଳା ସମେତ ବହୁ ପୁରାତନ ଛାତ୍ରଛାତ୍ରୀ, ବର୍ତ୍ତମାନର ଛାତ୍ରଛାତ୍ରୀ, ଉଦୟନାରାୟଣ ହାଇସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ସମେତ ସ୍ଥାନୀୟ ଅଂଚଳର ଜନ ସାଧାରଣ ଗଭୀର ଶୋକବ୍ୟକ୍ତ କରିଛନ୍ତି । ଆସନ୍ତାକାଲି ମରଶରୀରକୁ ବିଦ୍ୟାଳୟକୁ ଅଣାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯିବ ।

ଜ୍ୟୋତିଜଂଗମ ସେବାସମବାୟ ସମିତିରେ ଧାନ କିଣାକୁ ନେଇ ଧର୍ମଘଟ

ଜଳେଶ୍ୱର,୩୦/୫ (ନି.ପ୍ର) : ବାଲେଶ୍ୱର ଜିଲାରେ ଉପାନ୍ତ ଜଳେଶ୍ୱର ବ୍ଲକରେ ଥିବା ନାମ୍ପୋ ପଂଚାୟତର ଜ୍ୟୋତିଜଂଗମ ସେବା ସମବାୟ ସମିତିରେ ଧାନ କିଣାରେ ଅନିୟମିତତାକୁ ନେଇ ଚାଷୀମାନେ ଧର୍ମଘଟରେ ବସିଛନ୍ତି । ସରକାର ୧୦ ତାରିଖରୁ ଧାନ କିଣିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଏହି ସେବା ସମବାୟ ସମିତିରେ ୧୭ ତାରିଖରୁ ଧାନକିଣା ଆରମ୍ଭ ହୋଇଥିଲା । ଗତ ୧୫ ଓ ୧୭ ତାରିଖରେ ଟୋକନ୍ ପାଇଥିବା ଚାଷୀମାନେ ପ୍ରାୟ ୨୦୦୦ କ୍ୟୁଣ୍ଟାଲ ଧାନ ଆଣି ମଣ୍ଡିରେ ରଖିଥିବା ବେଳେ ଧାନ ମପାଯାଉନଥିବା ଅଭିଯୋଗ ହୋଇଛି । ଏପରିକି କେତେକ ଚାଷୀଙ୍କର ଟୋକନ୍ ଲେପ୍‌ସ୍ ହୋଇଥିବା ଅଭିଯୋଗ ହୋଇଛି । ଏହାର ପ୍ରତିବାଦରେ ଆଜି ରବିବାର ମଧ୍ୟାହ୍ନରେ ବହୁ ଚାଷୀ ଏକତ୍ରିତ ହୋଇ ଆନ୍ଦୋଳନ କରିଛନ୍ତି । ଏ ସମ୍ପର୍କରେ ଜିଲାପାଳ, ଡିଆର୍‌ସିଏସ୍, ସିଏସ୍ଓ, ତହସିଲଦାର, ନାମ୍ପୋ ଫାଣ୍ଡି ଓ ସେକ୍ରେଟେରୀଙ୍କୁ ଦାବିପତ୍ର ଦେବା ସହିତ ସେମାନଙ୍କର ଧାନ କ୍ରୟ ନ ହେଲେ ଆସନ୍ତା ଦିନରେ ଗଣଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି । ଆଜିର ଧର୍ମଘଟରେ ବିଜୟ କୁମାର ପାତ୍ର, ଅଜୟ କୁମାର ଦେ, ଯୋଗେନ୍ଦ୍ର ଜେନା, ଜଗନ୍ନାଥ ପ୍ରଧାନ, ସଂଜୟ ଦେ, ଜୟନ୍ତ ରଣା, ଘନଶ୍ୟାମ ରଣାଙ୍କ ସହିତ ବହୁ ଚାଷୀ ଏଥିରେ ସାମିଲ ହୋଇଥିଲେ ।

ରଣପୁରକୁ ୨ୟ ଶ୍ରୀକ୍ଷେତ୍ର ବର୍ଣ୍ଣନା ଘଟଣାକୁ ଓଡିଆ ଜାଗରଣ ମଂଚର ବିରୋଧ

ବାରିପଦା,୩୦/୦୫ (ନି.ପ୍ର): ବାରିପଦା ୨ୟ ଶ୍ରୀକ୍ଷେତ୍ର ଭାବେ ସର୍ବଜନ ବିଦିତ ଥିବା ବେଳେ, ଆଜି ଓ ଟିଭିର ଫେସେବୁକ ପେଜରେ ରଣପୁର ୨ୟ କ୍ଷେତ୍ର ବୋଲି ବର୍ଣ୍ଣନା କରି ଏକ ଖବର ପ୍ରସାରଣ କରିଥିବାରୁ ପୁଣିଥରେ ବାରିପଦାରେ ୨ୟ ଶ୍ରୀକ୍ଷେତ୍ର ବିବାଦ ଦେଖାଯାଇଛି । ବିଗତ ଦୁଇ ତିନି ବର୍ଷ ହେବ ବିଭିନ୍ନ ସମୟରେ ଏଭଳି ବିବାଦ ଦେଖାଦେଉଥିବା ବେଳେ, ଏଭଳି ଖବର ପ୍ରସାରଣ ଯୋଗୁ ଆଂଚଳିକ ବୈଷ୍ୟମତା ବୃଦ୍ଧି ପାଉଥିବାର ଜଣାଯାଇଛି । ତେବେ ବାରିପଦାର ବହୁ ଅନୁଷ୍ଠାନ ଓ ଜନସାଧାରଣଙ୍କ ବାରିପଦା ୨ୟ ଶ୍ରୀକ୍ଷେତ୍ର ହୋଇ ଥିବାବେଳେ ରଣପୁରକୁ ୨ୟ ଶ୍ରୀକ୍ଷେତ୍ର ଭାବରେ ବର୍ଣ୍ଣନା କରି ଖବର ପରିବରେଷଣ କରିବା ଘଟଣାରେ ଦୁଃଖପ୍ରକାଶ କରିବା ସହିତ ପ୍ରତିକ୍ରୀୟା ଶୀଳ ମଧ୍ୟ ହୋଇ ଥିବାର ଦେଖାଯାଇଛି । ଆଜି ଓଡିଆ ଜାଗରଣ ମଂଚ, ବାରିପଦା ପକ୍ଷରୁ ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ବରିଷ୍ଠ ସଦଶ୍ୟ ନରେନ୍ଦ୍ର ମୋହନ ସେନାପତି, ଜ୍ଞାନରଞ୍ଜନ ତ୍ରିପାଠୀ, ଉଦୟ ନାଥ ଜେନା, ପିତାମ୍ବର ମଲ୍ଲିକ, ସଞ୍ଜିବ କୁମାର ସାହୁ, ଅକ୍ଷୟ କୁମାର ମହାନ୍ତି, ଶ୍ରୀକାନ୍ତ ରାଉତ, ଉଗ୍ରେଶ୍ୱର ବେହେରା ପ୍ରମୁଖ ବହୁ ସଦଶ୍ୟ ଏହାର ପ୍ରତିବାଦ ଜଣାଇଛନ୍ତି । ମୟୂରଭଞ୍ଜ ମହାରାଜା ବୈଦ୍ୟନାଥ ଭଞ୍ଜଦେଓଙ୍କ ଦ୍ୱାରା ବାରିପଦା ଠାରେ ୧୫୬୮ ମସିହାରା ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୧୫୭୫ ମସିହାରେ ଚତୁର୍ଦ୍ଧା ମୁର୍ତ୍ତି ପ୍ରତିଷ୍ଠା ହେବା ସହ ବାରିପଦାରେ ରଥଯାତ୍ରା ଆରମ୍ଭ ହୋଇଥିଲା । କିନ୍ତୁ ରଣପୁର ଠାରେ ୧୩୬୩ ଖ୍ରୀଷ୍ଟାବ୍ଦ ରେ ମାଧବ ମନ୍ଦିର ପ୍ରତିଷ୍ଠା ହୋଇଥବା ବେଳେ, ପରବର୍ତ୍ତୀ କାଳରେ ୧୭୫୪ ଖ୍ରୀଷ୍ଟାବ୍ଦରେ ରଣପୁରର ରାଜା ଶାରଙ୍ଗ ଧର ନରେନ୍ଦ୍ରଙ୍କ ଶାସନ କାଳରେ ଚତୁର୍ଦ୍ଧା ମୁର୍ତ୍ତି ପ୍ରତିଷ୍ଠିତ ହେଲେ ଓ ରଥଯାତ୍ରା ଆରମ୍ଭ ହେଲା ଯାହାକି ବାରିପଦା ମନ୍ଦିର ନିର୍ମାଣ ଓ ରଥଯାତ୍ରା ଆରମ୍ଭର ୧୭୯ ବର୍ଷ ପରେ । ଏଣୁ ୨ୟ ଶ୍ରୀକ୍ଷେତ୍ର ନେଇ ବିବାଦ ହେବାର ଅବକାଶ ନାହିଁ । ତଥାପି ଜାଣିଶୁଣି ରଣପୁରରକିଛି ବୁଦ୍ଧିଜୀବି ଓ ମନ୍ଦିର କର୍ତ୍ତୃପକ୍ଷ ତଥା ଗଣମାଧ୍ୟମ ସଂସ୍ଥା ମାନେ ଏ ପ୍ରକାର ବିବାଦର ସୂତ୍ରପାତ କରିବା ନିନ୍ଦନୀୟ । ଏଭଳି ଖବର ପ୍ରସାରଣ କରିବା ପୂର୍ବରୁ ଗଣମାଧ୍ୟମ ସଂସ୍ଥା ମାନେ ସମୀକ୍ଷା କରିବା ଦରକାର ଏବଂ ଏହି ଖବର ପ୍ରସାରଣ ପରେ ସଂପୃକ୍ତ ଗଣ ମାଧ୍ୟମ ସଂସ୍ଥା ପକ୍ଷରୁ ସ୍ପଷ୍ଟିକରଣ ଦେବା ଦରକାର ବୋଲି ଏକ ପ୍ରେସ ଇସ୍ତାହାରରେ ଦାବୀ ଜଣାଇଛନ୍ତି ।

ଜିଲ୍ଲାରୁ ଚିହ୍ନଟ ହେଲେ ୪୬୪ ଆକ୍ରାନ୍ତ

ଭଦ୍ରକ,୩୦/୦୫ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ଆଉ ୪୬୪ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଫଳରେ ମୋଟ ଆକ୍ରାନ୍ତ ସଂଖ୍ୟା ହୋଇଛି ୧୬ ହଜାର ୩୭୩ । ସୁସ୍ଥ ହୋଇଛନ୍ତି ୧୩ ହଜାର ୫୦୩ । ଏବେ ସକ୍ରିୟ ଆକ୍ରାନ୍ତ ଅଛନ୍ତି ୨୮୩୭ଜଣ । ଚିହ୍ନଟ ନୂତନ ଆକ୍ରାନ୍ତ ଭଦ୍ରକ ପୌରପାଳିକାରୁ ୭୫ଜଣ, ଚାନ୍ଦବାଲି ଏନ୍‌ଏସିରୁ ୩ଜଣ, ବନ୍ତ ବ୍ଲକରୁ ୬୭ଜଣ, ବାସୁଦେବପୁର ପୌରପାଳିକାରୁ ୭ଜଣ, ଭଦ୍ରକ ଜିଲ୍ଲାର ଲୋକ ମାତ୍ର ଅନ୍ୟ ଜିଲ୍ଲାର ବିଭିନ୍ନ ହସ୍‌ପିଟାଲରେ ଚିକିତ୍ସା ହେବା ସମୟରେ ଚିହ୍ନଟ ହୋଇଛନ୍ତି ୧୪ଜଣ, ଭଦ୍ରକ ବ୍ଲକରୁ ୬୧ଜଣ, ଧାମନଗର ଏନ୍‌ଏସିରୁ ୭ଜଣ, ଧାମନଗର ବ୍ଲକରୁ ୨୧ଜଣ, ବାସୁଦେବପୁର ବ୍ଲକରୁ ୨୨ଜଣ, ଭଣ୍ଡାରିପୋଖରୀ ବ୍ଲକରୁ ୬୪ଜଣ, ଚାନ୍ଦବାଲି ବ୍ଲକରୁ ୧୬ଜଣ, ତିହିଡ଼ି ବ୍ଲକରୁ ୮୭ଜଣ, ଅନ୍ୟ ଜିଲ୍ଲାର ଲୋକ ଭଦ୍ରକରେ ଚିହ୍ନଟ ହୋଇଛନ୍ତି ୨୦ଜଣ ।

କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୨ ଗିରଫ, ୧୩୫ବାହନ ଜବତ

ଭୁବନେଶ୍ୱର,୩୦/୦୫ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୨ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୧୩୫ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୧୭,୧୯,୮୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

ଦେଶରେ ଗତ ୨୪ଘଂଟା ମଧ୍ୟରେ ୨୦,୬୩,୮୩୯ ନମୂନାର ପରୀକ୍ଷଣ

ନୂଆଦିଲ୍ଲୀ,୩୦/୦୫ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ କୋବିଡ ପାଇଁ ୨୦,୮୦,୦୪୮ ନମୂନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତ୍ତମାନ ସୁଦ୍ଧା ୩୪,୩୧,୮୩,୭୪୮ ନମୂନାର ପରୀକ୍ଷଣ କରା ଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି ।

ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୩୫ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୩୦/୦୫ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୩୩ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୨୭୨୯ ହୋଇ ଯାଇଛି ।

ଚୋରା ମଦ ଜବତ : ୨ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା,୩୦/୦୫ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ବ୍ୟାପକ ଚୋରା ମଦ କାରବାର ହେଉଥିବାର ବାରମ୍ବାର ଅଭିଯୋଗ ହୋଇ ଆସୁଛି । ଜିଲ୍ଲା ଅବକାରୀ ବିଭାଗ ଜାଣିଥିଲେ ମଧ୍ୟ ନିରବଦ୍ରଷ୍ଟା ସାଜି ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ଏନେଇ ବାରମ୍ବାର ଜିଲ୍ଲାପାଳଙ୍କୁ ଅଭିଯୋଗ ହେବାପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତନ୍ତିଆପାଳ ମେରାଇନ ଥାନା ଅନ୍ତର୍ଗତ ବିଜୟନଗର ଗ୍ରାମର ଜ୍ଞାନରଞ୍ଜନ ଦାସ ଓ ପ୍ରକାଶ ସେଠୀ ଚୋରା ମଦ ବିକ୍ରି କରୁଥିବା ବେଳେ ମେରାଇନ ଥାନା ପକ୍ଷରୁ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଜୁନ୍ ୧୭ ଯାଏଁ ବଢିଲା....

ଅକ୍ସିଜେନ୍ ଅଭାବ ଭଳି ସମସ୍ୟା ସୃଷ୍ଟି ହୋଇନାହିଁ । ଟେଷ୍ଟିଂ ଉପରେ ଗୁରୁତ୍ୱ ଦିଆଯାଉଛି । ଗତ ୨୫ ଦିନ ମଧ୍ୟରେ ପରୀକ୍ଷା ଓ ପଜିଟିଭ ଅନୁପାତ ଶତକଡ଼ା ୨୫ରୁ ୧୫କୁ ହ୍ରାସ ପାଇଛି । ପଶ୍ଚିମାଂଚଳର କେତେକ ଜିଲ୍ଲାରେ ସଂକ୍ରମଣ ହାର ହ୍ରାସ ପାଇଥିଲେ ସୁଦ୍ଧା ଖୋର୍ଦ୍ଧା, କଟକ ଓ ଅନୁଗୋଳ ଆଦି ଉପକୂଳ ଜିଲ୍ଲାମାନଙ୍କରେ ସଂକ୍ରମଣ ହ୍ରାସର ହାର କମ୍ ରହିଛି । ଏବେ ରାଜ୍ୟରେ ମୋଟାମୋଟି କୋଭିଡ୍ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି । କୋଭିଡ୍ ପରୀକ୍ଷା, ଚିକିତ୍ସା, ହସ୍‌ପିଟାଲରେ ଶଯ୍ୟା ଓ ଅମ୍ଳଜାନ ଆଦି ଯୋଗାଣ କ୍ଷେତ୍ରରେ ଓଡ଼ିଶା ଅନେକ ରାଜ୍ୟଠାରୁ ଭଲ ସ୍ଥିତିରେ ଅଛି । ଦୈନିକ କୋଭିଡ୍ ପରୀକ୍ଷାକୁ ୪୫ ହଜାରରୁ ୭୦ ହଜାରକୁ ବୃଦ୍ଧି କରାଯାଇଛି । ଅଧିକ ପରୀକ୍ଷା କରାଯାଉଥିଲେ ସୁଦ୍ଧା ପଜିଟିଭ ହାର ବଢ଼ିନାହିଁ । ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ ଯେ କିଛି ଲୋକଙ୍କ ଅବହେଳା ଯୋଗୁଁ ଅନ୍ୟାନ୍ୟ ଅନେକ ଲୋକ ବିପଦଗ୍ରସ୍ତ ହେଉଛନ୍ତି । କୋଭିଡ୍ ମହାମାରୀ ଚଳନ୍ତି ଶତାବ୍ଦୀର ବଡ଼ ବିପର୍ଯ୍ୟୟ । ଏହାର ଭୟାବହତାକୁ ଉପଲବ୍ଧି କରି କୋଭିଡ୍ ନିୟମର ପୂର୍ଣ୍ଣ ପାଳନ କର

ବାଲେଶ୍ୱର ସୋମବାର, ୩୧ ମଇ, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ରାଜ୍ୟରେ କମୁଛି କରୋନା ପଜିଟିଭିଟି

ଭୁବନେଶ୍ୱର,୩୦/୦୫ (ନି.ପ୍ର): ରାଜ୍ୟରେ ବର୍ତମାନ ସମୟରେ ପଜିଟିଭିଟି କମୁଛି। ମେ ୨୨ରେ ସର୍ବାଧିକ ୧୨,୮୫୨ ପଜିଟିଭ ଚିହ୍ନଟ ହୋଇଥିଲେ। ଏହାପରେ ବାତ୍ୟା ପାଇଁ ଟେଷ୍ଟ କମିବାରୁ ପଜିଟିଭ ସଂଖ୍ୟା କମିଥିଲା । ମାତ୍ର ପରବର୍ତୀ ପର୍ଯ୍ୟାୟରେ ଟେଷ୍ଟ ବଢ଼ିଥିଲେ ବି ସଂକ୍ରମଣ କମିଛି। ଆଜି ରାଜ୍ୟରେ ୯୫୪୧ ପଜିଟିଭ ଚିହ୍ନିତ ହୋଇଛନ୍ତି। ମେ ୨୨ ତାରିଖକୁ ଆମ ରାଜ୍ୟ ପାଇଁ ପିକ୍ ବୋଲି ଧରିବାକୁ ହେବ। ଏହାସହ ପଡ଼ୋଶୀ ଛତିଶଗଡ଼ ଓ ଝାଡ଼ଖଣ୍ଡରେ ସଂକ୍ରମଣ କମିବା ଆଶ୍ୱସ୍ତିକର ଖବର ବୋଲି କହିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର। ରାଜ୍ୟ ସରକାରଙ୍କ କରୋନା ସଚେତନତା କାର୍ଯ୍ୟକ୍ରମରେ ଶ୍ରୀ ମହାପାତ୍ର କହିଛନ୍ତି ଯେ ପଡ଼ୋଶୀ ରାଜ୍ୟରେ ସଂକ୍ରମଣ କମୁଥିବାରୁ ସୀମାବର୍ତୀ ଜିଲାର ସଂକ୍ରମଣ କମୁଛି। ଆନ୍ଧ୍ର ଓ ପଶ୍ଚିମବଙ୍ଗରେ ସଂକ୍ରମଣ କମୁଥିଲେ ବି ବିପଦ ରହିଛି ବୋଲି ସେ କହିବା ସହ, ଆନ୍ଧ୍ର, ପଶ୍ଚିମବଙ୍ଗ ସୀମାନ୍ତ ସିଲ୍ କରାଯାଇଛି । ଆମ ରାଜ୍ୟର ମୋଟ ୯ଟି ଜିଲ୍ଲାରେ ସଂକ୍ରମଣ ରାଜ୍ୟର ୬୦% ରହିଛି। ଖୋର୍ଦ୍ଧା, କଟକ, ଅନୁଗୁଳ, ସୁନ୍ଦରଗଡ଼, ପୁରୀ, ମୟୂରଭଞ୍ଜ, ବାଲେଶ୍ୱର, ବରଗଡ଼, ପୁରୀ ଜିଲ୍ଲା ରାଜ୍ୟରେ ପଜିଟିଭିଟି କମି ଆଜି ସୁଦ୍ଧା ୧୪%ରେ ପହଂଚିଛି। ୧୯ଟି ଜିଲ୍ଲାରେ ପଜିଟିଭିଟି ହାର କମିବା ସହ ୫ ଜିଲ୍ଲାରେ ୫% ତଳେ ରହିଛି ସଂକ୍ରମଣ। ଆଗକୁ ପଜିଟିଭିଟି ଆହୁରି କମିବା ନେଇ ଆମେ ଆଶା କରୁଛୁ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ରାଜ୍ୟରେ ଯେତିକି ପଜିଟିଭ ରୋଗୀ ଅଛନ୍ତି ୮୬ ପ୍ରତିଶତ ରୋଗୀ ହୋମ ଆଇସୋଲେସନରେ ଅଛନ୍ତି। ପୂର୍ବରୁ କ୍ରିଟିକାଲ କେୟାର ବେଡ୍ (ଆଇସିୟୁ ଓ ଭେଂଟିଲେଟର)ରେ ୮୨ ପ୍ରତିଶତ ରୋଗୀ ରହୁଥିବାବେଳେ ଏବେ କ୍ରିଟିକାଲ କେୟାର ବେଡ୍‌ରେ ରୋଗୀ ସଂଖ୍ୟା ୭୨ ପ୍ରତିଶତକୁ ଖସିଆସିଛି ।ଆମ ରାଜ୍ୟରେ ମେଡିକାଲ ଅକ୍ସିଜେନ ୬୭ ମେଟ୍ରିକ ଟନର ଆବଶ୍ୟକତା ରହୁଛି। ତାହାକୁ ଆଖି ଆଗରେ ରଖି ପର୍ଯ୍ୟାପ୍ତ ପରିମାଣର ଅମ୍ଳଜାନ ଅଛି। ଆମ ରାଜ୍ୟରେ କୌଣସି ବି ହସ୍ପିଟାଲରେ ଅକ୍ସିଜେନର ଅଭାବ ନାହିଁ । ସବୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି ରାତିରେ ଶୋଇବାକୁ ଯିବା ପୂର୍ବରୁ ଜିଲ୍ଲାର କୋଭିଡ ହସ୍ପିଟାଲରେ ଅକ୍ସିଜେନ ସିଲିଣ୍ଡର ଭର୍ତି ହୋଇ ଅଛି ନା ନାହିଁ ସୂଚନା ପାଇବା ପରେ ହିଁ ବିଶ୍ରାମ ନିଅ । ଏଥିପାଇଁ ଅକ୍ସିଜେନ ଯୋଗାଣ ପାଇଁ ଯେଉଁ ଟିମ କାମ କରୁଛି ସେଥିରେ କୌଣସି ତ୍ରୁଟି ଦେଖାଯାଇନାହିଁ ।

ଦିନକରେ ଚିହ୍ନଟ ହେଲେ ୩୦୨ ନୂଆ ସଂକ୍ରମିତ

ବାଲେଶ୍ୱର,୩୦/୦୫ (ନି.ପ୍ର): ରାଜ୍ୟ ସୂଚନା ଲୋକ ସମ୍ପର୍କ ବିଭାଗ ରିପୋର୍ଟ ଅନୁସାରେ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲାରେ ୩୦୨ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ତେବେ ପରୀକ୍ଷଣ ମାତ୍ରା ବୃଦ୍ଧି ପାଇବା ଫଳରେ ସଂକ୍ରମଣ ହାର ପୁଣି ବଢ଼ିବା ଏବେ ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ବାଲେଶ୍ୱର ସହରର ବୈରାମନଗରରୁ ୯ଜଣ, ମୋତିଗଞ୍ଜରୁ ୮, ମୁଖ୍ୟ ଚିକିତ୍ସାଳୟରୁ ୮, ମାଣିଖମ୍ବରୁ ୫, ଗୋପାଳଗାଁରୁ ୫, ସୁଏଲପୁରରୁ ୪, ସହଦେବଖୁଣ୍ଟାରୁ ୪, ବାରବାଟୀରୁ ୩, ଅଙ୍ଗାରଗଡ଼ିଆରୁ ୩, ସୁନହଟରୁ ୩, ରାଣୀପାଟଣାରୁ ୨, ମଠସାହିରୁ ୨, ମାନସିଂବଜାରରୁ ୨, ଆଇଟିଆଇ ଛକରୁ ୨, ଶ୍ରୀକଣ୍ଠପୁରରୁ ୨ଜଣଙ୍କ ସମେତ ଅରଡ଼ବଜାର, ବଡ଼ନୂଆପୁର, ଜିଲା ଜେଲ, ଜେଲରୋଡ଼, ମିର୍ଜାପୁର, ନେଳିଆବଗ, ପୁରୁଣା ବାଲେଶ୍ୱର, ତଳସାହି ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ଅଛନ୍ତି। ମୋଟ ଉପରେ ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ପୌରାଞ୍ଚଳରେ ୭୦ଜଣ ଚିହ୍ନଟ ହୋଇଛନ୍ତି। ସେହିଭଳି ସଦର ବ୍ଲକରୁ ୩୮ ଜଣ, ରେମୁଣାରୁ ୩୩ , ବାହାନଗାରୁ ୭, ବାଲିଆପାଳରୁ ୩, ବସ୍ତାରୁ ୧୫, ଭୋଗରାଇରୁ ଜଣେ, ଜଳେଶ୍ୱରରୁ ୬, ଖଇରାରୁ ୧୦, ନୀଳଗିରରୁ ୧୧, ଔପଦାରୁ ୩, ସିମୁଳିଆରୁ ୫୪ ଓ ସୋର ବ୍ଲକରୁ ୪୭ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଅଦ୍ୟାବଧି ଜିଲାରେ ମୋଟ ୨୪,୦୧୦ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ତନ୍ମଧ୍ୟରୁ ୨୦,୪୧୩ ଜଣ ସୁସ୍ଥ ମଧ୍ୟ ହୋଇଛନ୍ତି। ସକ୍ରିୟ ଥିବା ୩,୪୮୭ ଜଣ ସଂକ୍ରମିତଙ୍କ ମଧ୍ୟରୁ ୩,୧୪୩ ଜଣ ଗୃହ ସଙ୍ଗରୋଧରେ ଏବଂ ୩ଶହ ଜଣ ଜିଲାର ଦୁଇଗୋଟି କୋଭିଡ ଡାକ୍ତରଖାନା ଓ ୩ ଗୋଟି କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି। ତେବେ ଅଦ୍ୟାବଧି ୧୧୦ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ହୋଇଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି।

ବିଜେପି ପକ୍ଷରୁ ବାତ୍ୟା ଦୁର୍ଗତଙ୍କୁ ରିଲିଫ ପ୍ରଦାନ
କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାଲେଶ୍ୱର ଗସ୍ତ ଆଜି

ବାଲେଶ୍ୱର,୩୦/୦୫ (ନି.ପ୍ର): ସାମୁଦ୍ରିକ ବାତ୍ୟା 'ୟାସ' ବିପଦ ଟଳି ଯାଇଥିଲେ ବି ଉପକୂଳ ଓ ତଳିଆ ଅଞ୍ଚଳର କ୍ଷତିଗ୍ରସ୍ତ ଲୋକଙ୍କ ଜୀବନଚର୍ଯ୍ୟା ଅଦ୍ୟାବଧି ସ୍ୱାଭାବିକ ହୋଇନଥିବା ଲକ୍ଷ୍ୟ କରାଯାଇଛି। ଶହ ଶହ ଏକର ଜମି ଲୁଣାପାଣିରେ ବୁଡ଼ି ରହିଥିବା ବେଳେ ବହୁ କଚାଘର ମାଟିରେ ଶୋଇଛି। ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଚାଲିଥିଲେ ମଧ୍ୟ ବିଭିନ୍ନ ରାଜନୈତିକ ଦଳଙ୍କ ପକ୍ଷରୁ ଜାରି ରହିଛି ରିଲିଫ ପ୍ରଦାନ କାର୍ଯ୍ୟକ୍ରମ। ଏହି ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ବିଜେପି ପକ୍ଷରୁ ବିଭିନ୍ନ ବ୍ଲକର ବାତ୍ୟା ପ୍ରପୀଡ଼ିତ ଲୋକଙ୍କୁ ରିଲିଫ ପ୍ରଦାନ କରାଯାଉଛି। ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ ଭୋଗରାଇ, ଜଳେଶ୍ୱର, ରେମୁଣା, ବାଲିଆପାଳ ପ୍ରଭୃତି ଅଞ୍ଚଳ ପରିଦର୍ଶନ ସହ ପ୍ରଭାବିତ ଲୋକଙ୍କ ସମସ୍ୟା ଅନୁଧ୍ୟାନ କରିଛନ୍ତି। ଏକାଧିକ ସ୍ଥାନରେ ଲୋକଙ୍କୁ ରିଲିଫ ମଧ୍ୟ ପ୍ରଦାନ କରିଛନ୍ତି। ସେହିଭଳି ସଦର ନିର୍ବାଚନମଣ୍ଡଳୀର ଯୁବନେତା ତଥା ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ-ସଭାପତି ମାନସ ଦତ୍ତ ଏକାଧିକ ଟିମଙ୍କ ଜରିଆରେ ବିଭିନ୍ନ ପଞ୍ଚାୟତରେ ରିଲିଫ ପ୍ରଦାନ କାର୍ଯ୍ୟ ଜାରି ରଖିଛନ୍ତି। ଲୋକଙ୍କ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିବା ସହିତ ଆବଶ୍ୟକ ସ୍ଥଳେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ ମଧ୍ୟ କରୁଛନ୍ତି। ବାତ୍ୟାଞ୍ଚଳ ପରିଦର୍ଶନ ସହ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ ପାଇଁ ଆସନ୍ତାକାଲି ଅର୍ଥାତ ୩୧ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାଲେଶ୍ୱର ଆସୁଥିବା ବେଳେ ଦଳ ପକ୍ଷରୁ କୁହାଯାଇଛି। ସେ ବାଲେଶ୍ୱରରେ ପହଞ୍ଚିବା ପରେ ଚାନ୍ଦିପୁର, ଶ୍ରୀକୋଣା, ସାର୍ଥା ପ୍ରଭୃତି ପଞ୍ଚାୟତର ବିଭିନ୍ନ ଅଞ୍ଚଳକୁ ଯାଇ ବାତ୍ୟାଦୁର୍ଗତଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ବିଜେପି ନେତା ଶ୍ରୀ ଦତ୍ତ ସୂଚନା ଦେଇଛନ୍ତି।

ଚିତ୍ତରଂଜନ ପଣ୍ଡିତଙ୍କ ବିୟୋଗରେ ଶୋକସଭା

ଖୋର୍ଦ୍ଧା,୩୦/୦୫ (ନି.ପ୍ର): ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦର ଉପଦେଷ୍ଟା ଚିତ୍ତରଂଜନ ପଣ୍ଡିତଙ୍କର ବିୟୋଗରେ ଏକ ଶୋକସଭା ସଂସଦ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଐତିହାସିକ ସତ୍ୟବାଦୀ ବଳିଆରସିଂହ, ସଂପାଦିକା ଇତିଶ୍ରୀ ସାହୁ, କବି ଗୋବିନ୍ଦ ମହାରଣା, ନାରାୟଣ ଦାସ, ଶିବସୁନ୍ଦର ପଟ୍ଟନାୟକ ପ୍ରମୁଖ ସ୍ୱର୍ଗତ ପଣ୍ଡିତଙ୍କର ସ୍ମୃତିଚାରଣ କରିଥିଲେ। ସୁଚନାଯୋଗ୍ୟ, କିଛି ଦିନ ତଳେ ସ୍ୱର୍ଗତ ପଣ୍ଡିତଙ୍କର କରୋନାରେ ପରଲୋକ ଘଟିଥିଲା। ତାଂକ ପତ୍ନୀ କବି ତଥା ଶିକ୍ଷୟିତ୍ରୀ ନିରୁପମା ମହାପାତ୍ରଙ୍କ ସହ ସେ ବିଭିନ୍ନ ସାହିତ୍ୟ ତଥା ସାଂସ୍କୃତିକ ସଂଗଠନ ସହ ସଂପୃକ୍ତ ଥିଲେ।

ଚାଷୀ ତାତିଲେ : ତାଲା ପକାଇଲେ

ଜଳେଶ୍ୱର,୩୦/୫ (ନି.ପ୍ର) : ବାଲେଶ୍ୱର ଜିଲାରେ ଉପାନ୍ତ ଜଳେଶ୍ୱର ବ୍ଲକରେ ଥିବା ସମବାୟ ସମିତି ଚାଷୀଙ୍କ ଠାରୁ ସିଧାସଳଖ ସହାୟକ ମୂଲ୍ୟରେ ଧାନ କିଣିଥାଏ। ଫଳରେ ଚାଷୀ ଅଭାବୀ ବିକ୍ରିରୁ ରକ୍ଷା ପାଇଥାନ୍ତି । ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ମେ ମାସ ୧୦ତାରିଖରୁ ଧାନ କ୍ରୟ ଲାଗି ନିର୍ଦ୍ଦେଶ ଥିବା ବେଳେ ହାରାହାରି ଭାବେ ପ୍ରାୟ ୧୫ ତାରିଖରୁ ଧାନକିଣା ଆରମ୍ଭ ହୋଇଛି । ମାତ୍ର ମିଲର ଓ ସେବାସମବାୟ ସମିତିର ସଲାସୁତରାରେ ଅଳ୍ପ କେତେକ ନିର୍ଦ୍ଦିଷ୍ଟ ଚାଷୀଙ୍କ ଠାରୁ ଧାନ କ୍ରୟ ହୋଇଥିବା ବେଳେ ବହୁ ଟୋକନ୍ ପାଇଥିବା ଚାଷୀ ସେମାନଙ୍କର ଧାନ ବିକ୍ରି କରିନପାରି ମଣ୍ଡିରେ ପକାଇ ରଖିଛନ୍ତି । ଆୟଳିଅଠା ସେବା ସମବାୟ ସମିତିରେ ଧାନ କିଣାଯାଉନଥିବା ଅଭିଯୋଗ ହୋଇଛି । ଏପରିକି କେତେକ ଚାଷୀଙ୍କର ଟୋକନ୍ ଲେପ୍‌ସ୍ ହୋଇଥିବା ଅଭିଯୋଗ ହୋଇଛି । ଏହାର ପ୍ରତିବାଦରେ ଆଜି ରବିବାର ମଧ୍ୟାହ୍ନରେ ବହୁ ଚାଷୀ ଏକତ୍ରିତ ହୋଇ ଆନ୍ଦୋଳନ କରିବା ସହିତ ମଣ୍ଡିରେ ଥିବା ଧାନ ଗୋଦାମ୍‌କୁ ତାବି ପକାଇ ଦେଇଛନ୍ତି । ଏ ସମ୍ପର୍କରେ ସିଏସ୍‌ଓ, ବାଲେଶ୍ୱର, ଏମ୍‌ଆଇ, ଜଳେଶ୍ୱର, ବିଡିଓ ଓ ସେକ୍ରେଟେରୀଙ୍କୁ ଦାବିପତ୍ର ଦେବା ସହିତ ସେମାନଙ୍କର ଧାନ କ୍ରୟ ନ ହେଲେ ଆସନ୍ତା ଦିନରେ ଅନଶନ କରିବା ସହିତ ଧାନମଣ୍ଡି ଖୋଲିବାକୁ ଦେବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି । ନାଏବ ସରପଂଚ ଅବନୀ କୁମାର ପାତ୍ରଙ୍କ ନେତୃତ୍ୱରେ ଚୈତନ୍ୟ ସେନାପତି, ଅଶୋକ କୁମାର ଜେନା, ପ୍ରଦୀପ ମହାନ୍ତି, ଗୁରୁପ୍ରସାଦ ସେନାପତି, ପ୍ରମୁଖ ବହୁ ଚାଷୀ ଏହି ଆନ୍ଦୋଳନରେ ସିମିଲ ହୋଇଥିଲେ।

ରକ୍ତ ଦାନ କରି ଗର୍ଭବତୀ ମହିଳାଙ୍କ ଜୀବନ ବଂଚାଇଲେ ଯୁବକ

ମାଲକାନଗିରି,୩୦/୦୫ (ନି.ପ୍ର): ଜଣେ ଗର୍ଭବତୀ ମହିଳାଙ୍କୁ ରକ୍ତ ଦାନ କରି ଜୀବନ ବଂଚାଇଛନ୍ତି ମାଲକାନଗିରି ଡେଲି ମାର୍କେଟ ଅଂଚଳର ଅଶୋକ କୁମାର । ଠିକ ସମୟରେ ରକ୍ତଦାନ କରି ଜୀବନ ବଂଚାଇଥିବାରୁ ମହିଳାଙ୍କ ପରିବାର ଲୋକ କୃତଜ୍ଞତା ଜଣାଇଛନ୍ତି । ପ୍ରକାଶ ଥାଉକି ମହିଳାଙ୍କୁ ଯଦି ତୁରନ୍ତ ବି ପଜିଟିଭ ରକ୍ତ ନଦିଆଗଲେ ସେ ଗୁରୁତର ଅସୁସ୍ଥ ହୋଇପଡ଼ିବେ ବୋଲି ଡାକ୍ତର କହିବାପରେ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ରକ୍ତ ଯୋଗାଡ଼ କରିପାରିନଥିଲେ । ଏହା ଜାଣିବା ପରେ ଡ଼ଃ ରଞ୍ଜନ କୁମାର ସ୍ୱାଇଁ ମାଲକାନଗିରିର ରବି ରାଜେଶଙ୍କୁ ଯୋଗାଯୋଗ କରିବାରୁ ସେ ଏହି ରକ୍ତ ଗ୍ରୁପ ଥିବା ଅଶୋକଙ୍କୁ ରକ୍ତ ଦେବା ପାଇଁ ଯୋଗାଡ଼ କରିଥିଲେ ।

ଭୁବନେଶ୍ୱର ବିଜେପି ପକ୍ଷରୁ ସେବା ଦିବସ ପାଳିତ

ଭୁବନେଶ୍ୱର,୩୦/୦୫ (ନି.ପ୍ର): କେନ୍ଦ୍ରରେ ମୋଦି ସରକାରଙ୍କ ୭ ବର୍ଷ ପୂର୍ତି ଅବସରରେ ଆଜିର ଦିନକୁ ସେବା ଦିବସ ଭାବେ ପାଳନ କରାଯାଉଛି । ଏହି ସେବା ଦିବସକୁ ଭୁବନେଶ୍ୱର ସାଂଗଠନିକ ଜିଲ୍ଲାର ସମସ୍ତ ୱାର୍ଡ ଓ ପଂଚାୟତରେ ସେବା ଦିବସ ପାଳନ କରାଯାଇଛି । ଜିଲ୍ଲାର ସମସ୍ତ ୬୭ଟି ୱାର୍ଡ ଓ ୧୧ଟି ପଂଚାୟତରେ ପାର୍ଟୀର ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତାମାନେ ନିଜ ନିଜ ଅଂଚଳରେ ରହି ସେବା କାର୍ଯ୍ୟ କରିଥିଲେ । ପାର୍ଟୀର କାର୍ଯ୍ୟକର୍ତାମାନେ ବିଶେଷ ଭାବେ ମାସ୍କ, ସାନିଟାଇଜର, ଅକ୍ସିମିଟର, ଶୁଖିଲା ଖାଦ୍ୟ ବଂଟନ କରିବା ସହ କରୋନା ସଂକ୍ରମଣ ବିଷୟରେ ସଚେତନତା ସୃଷ୍ଟି କରାଇଥିଲେ । ଥର୍ମାଲ ସ୍କ୍ରିନିଂ ଓ ଅକ୍ସିମିଟର ସହାୟତାରେ ସ୍ଥାନୀୟ ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଜିଲ୍ଲା ସଭାପତି ଶ୍ରୀ ବାବୁ ସିଂଙ୍କ ନେତୃତ୍ୱରେ ସ୍ଥାନୀୟ ସୁନ୍ଦରପଦାଠାରେ ସେବା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ସମୀର ମହାନ୍ତି, ସାଂସଦ ଅପରାଜିତା ଷଡଙ୍ଗୀଙ୍କ ସମେତ ସ୍ଥାନୀୟ ମଣ୍ଡଳ ସଭାପତି ଏବଂ ବହୁ କାର୍ଯ୍ୟକର୍ତାମାନେ ଉପସ୍ଥିତ ରହି ସେବା କାର୍ଯ୍ୟରେ ସାମିଲ ହୋଇଥିଲେ । ସେହିପରି ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ଏବଂ ହରେକୃଷ୍ଣ ଖୁଂଟିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାର୍ଟୀର କାର୍ଯ୍ୟକର୍ତାମାନେ ଜିଲ୍ଲାର ବିଭିନ୍ନ ଅଂଚଳରେ ସେବା କାର୍ଯ୍ୟ କରିଥିଲେ ।

ବାତ୍ୟା ଦୁର୍ଗତଙ୍କ ପାଖରେ ପହଞ୍ଚିଲା 'ଓଡ଼ିଶା ମୋ ପରିବାର'

ବାଲେଶ୍ୱର,୩୦/୦୫ (ନି.ପ୍ର): ବାଲେଶ୍ୱରରେ ସାମୁଦ୍ରିକ ବାତ୍ୟା ୟସ ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ବେଶ ତ୍ୱରାନ୍ୱିତ ହୋଇଥିବା ଲକ୍ଷ୍ୟ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ସର୍ଭେ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ମନ୍ତ୍ରୀ ଜିଲ୍ଲାର ବାତ୍ୟା ପ୍ରଭାବିତ ଅଞ୍ଚଳରେ କ୍ଷୟକ୍ଷତିର ଅନୁଧ୍ୟାନ ସହ ଲୋକଙ୍କ ସମସ୍ୟା ସମାଧାନ ପାଇଁ ଚେଷ୍ଟା ଚଳାଇଛନ୍ତି। ଏହି କ୍ରମରେ ଓଡିଶା ମୋ ପରିବାର ପକ୍ଷରୁ ବାଲେଶ୍ୱର ଜିଲାର ବିଭିନ୍ନ ବ୍ଲକରେ ବାତ୍ୟା ପ୍ରଭାବିତ ଅଞ୍ଚଳକୁ ରଲିଫ ସାମଗ୍ରୀ ପଠାଇବା କାର୍ଯ୍ୟ ଆରମ୍ଭ ହୋଇଛି। ଏ ନେଇ ବିଜେଡି ଜିଲା କାର୍ଯ୍ୟାଳୟରେ ଅୟୋଜିତ କାର୍ଯ୍ୟକ୍ରମରେ ଦଳର ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ । ରାଜ୍ୟ ଶକ୍ତି ଓ ଗୃହ ରାଷ୍ଟ୍ର ମନ୍ତ୍ରୀ କେପଟେନ ଦିବ୍ୟଶଙ୍କର ମିଶ୍ର, ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୂର୍ବତନ ସାଂସଦ ତଥା ବିଜେଡି ଜିଲା ସଭାପତି ରବୀନ୍ଦ୍ର କୁମାର ଜେନା, ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ ପ୍ରମୁଖ ଏଥିରେ ଯୋଗଦେଇ ବାତ୍ୟା ପ୍ରଭାବିତ ଅଞ୍ଚଳରେ ରଲିଫ ପ୍ରଦାନର ଆବଶ୍ୟକତା ଉପରେ ଗୁରୁତ୍ୱରୋପ କରିଥିଲେ । ପ୍ରଶାସନିକ ସ୍ତରରେ ରଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ଚାଲିଥିବା ବେଳେ ଏହାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ 'ଓଡିଶା ମୋ ପରିବାର' ଆଗକୁ ବଢ଼ିଛି ବୋଲି କହିଥିଲେ। ପ୍ରତ୍ୟେକ ବାତ୍ୟା ପ୍ରଭାବିତଙ୍କୁ ଆବଶ୍ୟକତା ଅନୁଯାୟୀ ରଲିଫ ପ୍ରଦାନ ନିମନ୍ତେ ଉଦ୍ୟମ କରାଯାଉଛି ବୋଲି ସେମାନେ କହିଥିଲେ। ବିଶେଷ କରି ବିଭିନ୍ନ ଅଞ୍ଚଳରେ ଲୁଣପାଣି ଘେରରେ ଥିବା ଲୋକଙ୍କ ନିକଟରେ ପଲିଥିନ, ପିଇବା ପାଣି ଓ ଖାଦ୍ୟ ପଦାର୍ଥ ପହଞ୍ଚାଇବା ଏହି ଅଭିଯାନର ମୂଳ ଲକ୍ଷ୍ୟ ବୋଲି ସେମାନେ ପ୍ରକାଶ କରିଥିଲେ । ଜଳେଶ୍ୱର ବିଧାୟକ ଅଶ୍ୱନୀ ପାତ୍ର, ସୋର ବିଧାୟକ ପର୍ଶୁରାମ ଧଡ଼ା, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରଡ଼ା, ସଦର ବିଧାୟକ ସ୍ୱରୂପ କୁମାର ଦାସ, ପୂର୍ବତନ ବିଧାୟକ ତଥା ବର୍ଷିଆନ ନେତା ଅରୁଣ ଦେ, ସମାଜସେବୀ ସୁବାସିନୀ ଜେନା ପ୍ରମୁଖ ଏଥିରେ ଉପସ୍ଥିତ ରହି ରିଲିଫ ପ୍ରଦାନ ଧାରାର ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ଦେଇଥିଲେ।

କରୋନାରେ ଦେଶରେ ଗତ ୨୪ ଘଂଟାରେ ୧,୬୫,୫୫୩ ନୂଆ ମାମଲା

ନୂଆଦିଲ୍ଲୀ,୩୦/୦୫ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୧,୬୫,୫୫୩ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୩,୪୬୦ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨,୭୮,୯୪,୮୦୦ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୧,୧୪,୫୦୮ ଥିବା ବେଳେ ବର୍ତମାନ ସୁଦ୍ଧା ୩,୨୫,୯୭୨ ଜଣ ମୃତ୍ୟୁ ବରଣ କରିଛନ୍ତି ।

ସଂସ୍କୃତି ବିଭାଗ ୟୁ-ଟ୍ୟୁବ୍ ଚ୍ୟାନେଲ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୩୦/୦୫ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସରକାରୀ ୟୁ-ଟ୍ୟୁବ୍ ଚ୍ୟାନେଲ୍ ରବିବାର ଦିନ ଶୁଭାରମ୍ଭ ହୋଇଛି । ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ସୁଦୂରପ୍ରସାରି କରିବା ପାଇଁ ଏବଂ ବିଭାଗର ବିଭିନ୍ନ କଳା, ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଭିଜୁଆଲ୍ ମାଧ୍ୟମରେ ଦେଶବିଦେଶରେ ଲୋକଲୋଚନକୁ ଆଣିବା ପାଇଁ ଏହି ପ୍ରଚେଷ୍ଟା ଆରମ୍ଭ